READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଜଳବନ୍ଦୀ ଜୀବନ ...

ବର୍ଷ-୩ ସଂଖ୍ୟା-୩୧ ୧୯ - ୨୫ ଅଗଷ୍ଟ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-31 19th - 25th AUGUST, 2019 BHUBANESWAR ₹ 5/- (8 Pages)

# ଶ୍ରୀମନ୍ଦିର ଚାରିପଟୁ ଉଚ୍ଛେଦ ହେବ ୭୫ ମିଟର

**ଭୁବନେଶ୍ୱର:** ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ବିଚାରପତି ବି.ପି. ଦାସଙ୍କୁ ନେଇ ଗଠିତ ହୋଇଥିବା ତଦନ୍ତ କମିଶନ ରିପୋର୍ଟ ସୁପାରିଶକୁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବା ପାଇଁ ଓ ପରିଚାଳନା ନିମନ୍ତେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ବିଧି ବିଭାଗର ଅଧିସୂଚନା ଅନୁସାରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବି.ପି ଦାସଙ୍କୁ ନେଇ ଏହାର ତଦନ୍ତ କମିଟି ଗଠନ କରାଯାଇଥିଲା । କମିଶନ ଗତ

## ୬ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଲୋକସଭା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତ ଧରଣର ପ୍ରଶାସନ ୨୦୧୭ ଏପ୍ରିଲ ୨୦ ତାରିଖରେ ଏବଂ ସେହି ବର୍ଷର ଡିସେମ୍ବର ୭ ତାରିଖରେ ଦୁଇଟି ଅନ୍ତରୀଣ ରିପୋର୍ଟ ଦାଖଲ କରିଥିଲେ । ଉଭୟ ରିପୋର୍ଟକୁ ରାଜ୍ୟ ସରକାର ଯଥାବିଧି ବିଚାର କରିବା ପରେ କମିଶନର ପ୍ରଥମ ଅନ୍ତରୀଣ ରିପୋର୍ଟରେ ଥବବା ଶ୍ରୀମନ୍ଦିରର ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ସୁପାରିଶକୁ ଗ୍ରହଣ କରିବା ପାଇଁ ପ୍ରସ୍ତାବ



ଆସିଥିଲା । ତାହା ଅନୁମୋଦନ ଲାଭ କରିଛି । ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ମନ୍ଦିରର ପାଚେରୀ ଠାରୁ ୭୫ ମି. ପରିସୀମା ପର୍ଯ୍ୟନ୍ତ ଖାଲି କରାଯିବ । ସେହି ପରିସୀମା ଭିତରେ ଯାହାର ଘର, ମଠ, ଦୋକାନ ରହିଥିବା ସେ ସବୁକୁ ସର୍ଭେ କରାଯିବ। ଏଥିପାଇଁ ଜିଲ୍ଲାପାଳଙ୍କୁ କ୍ଷମତାପ୍ରାପ୍ତ କରାଯାଇଛି । ସେଗୁଡ଼ିକ ଉଠାଇବା ଲାଗି ଯେଉଁ କ୍ଷତିପୂରଣ ହେବ ସେମାନଙ୍କୁ ଦିଆଯିବ ଏବଂ ଥଇଥାନ ମଧ କରାଯିବ। ସ୍ୱତନ୍ତ୍ର ମାରିଟାଇମ୍ ବୋର୍ଡ ପ୍ରତିଷ୍ଠା ନିମନ୍ତେ ଆସିଥିବା ପ୍ରସ୍ତାବ ଉପରେ ମୋହର ଲାଗିଛି। ମୁଖ୍ୟ ଶାସନ ସଚିବଙ୍କର ଅଧ୍ୟକ୍ଷତାରେ ୧୨ ଜଣ ସଦସ୍ୟ ଅଂଶୀଦାର ବିଭାଗର ପ୍ରତିନିଧି, ଭାରତ ସରକାରଙ୍କର ପ୍ରତିନିଧିକୁ ନେଇ ଏହି ପରିଚାଳନା ପରିଷଦ ଗଠନ ହେବ ବୋଲି କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାର ସୁଦୀର୍ଘ ୪୮୦ କି.ମି. ବେଳାଭୂମିର ଅଦ୍ୱିତୀୟ ପ୍ରାକୃତିକ କ୍ଷୁଦ୍ର ବନ୍ଦର ପ୍ରତିଷ୍ଠା ନିମନ୍ତେ ସମୃଦ୍ଧ ଅଟେ । ରାଜ୍ୟରେ ଏବଂ ➤ ପୃ-୬

# ଅକ୍ଟୋବର ୨ରୁ 'ମୋ ସରକାର'

**ଭୁବନେଶ୍ୱର:** ସାଧାରଣ ଲୋକଙ୍କୁ ତାଙ୍କ ହକ୍ ଦେବା ପାଇଁ ଆମେ ୫-ଟି ମନ୍ତ୍ର କାର୍ଯ୍ୟ କରୁଛୁ । ୫-ଟି କୁ ଆଧାର କରି ଆଗାମୀ ଅକ୍ଟୋବର-୨ ତାରିଖରୁ ଆମେ ଆରମ୍ଭ କରୁଛୁ 'ମୋ ସରକାର କାର୍ଯ୍ୟକ୍ରମ'। ଏହି କାର୍ଯ୍ୟକ୍ରମ ପ୍ରଥମେ ରାଜ୍ୟର ସବୁ ଥାନା ଓ ଡାକ୍ତରଖାନାଗୁଡିକରେ କାର୍ଯ୍ୟକାରୀ ହେବ ଏବଂ ୨୦୨୦ ମାର୍ଚ୍ଚ ୫ ତାରିଖ ସୁଦ୍ଧା ସବୁ ବିଭାଗ ଏହାକୁ କାର୍ଯ୍ୟକାରୀ କରିବେ । ଥାନାରେ ଅଭିଯୋଗକୁ କିପରି ଗୁରୁତ୍ୱ ଦିଆଯାଉଛି ଏବଂ ଡାକ୍ତରଖାନାରେ କିପରି ସେବା ଦିଆଯାଉଛି, ସେକଥା ନିଜେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଫୋନ୍ କରି ବୁଝିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସେହିପରି ଗ୍ରାମାଞ୍ଚଳରେ କୌଣସି ଘରକୁ ବିଜୁଳି ଯାଇ ନଥିଲେ ସେ ସଂପର୍କରେ ପଂଚାୟତରେ



ଆବେଦନ କଲେ ୪୮ ଘଣ୍ଟା ମଧ୍ୟରେ ବିଜୁଳି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହିସବୁ କାର୍ଯ୍ୟକ୍ରମ ସରକାର ଏବଂ ଲୋକଙ୍କ ସଂପର୍କକୁ ଆହୁରି ମଜବୁତ ➤ ପୃ-୬

# ଅସିତ ତ୍ରିପାଠୀ ହେଲେ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର :** ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ୧୯୮୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅସିତ କୁମାର ତ୍ରିପାଠୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସେ ଉନ୍ନୟନ କମିଶନର, କେବିକେ ମୁଖ୍ୟପ୍ରଶାସକ ତଥା ଗୃହ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଭାବେ କାର୍ଯ୍ୟ କରୁଥିଲେ। ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ମୁଖ୍ୟ ➤ ପୃ-୬

## ଜାତିସଂଘ ସୁରକ୍ଷା ପରିଷଦରେ ସୁରକ୍ଷା ମିଳିଲାନି

# ପାକିସ୍ତାନ ନିରାଶ

**ଜାତିସଂଘ:** କାଶ୍ମୀର ପ୍ରସଙ୍ଗ ନେଇ ଜାତିସଂଘ ନିରାପତ୍ତା ପରିଷଦ ସଦସ୍ୟଙ୍କ ରୁଦ୍ଧଦ୍ୱାର ବୈଠକର ଫଳାଫଳ ପାକିସ୍ତାନକୁ ନିରାଶ କରିଛି। ଚୀନ୍ ଦ୍ୱାରା ଆହୂତ ଏହି ବୈଠକକୁ ନେଇ ପାକିସ୍ତାନ ବେଶ୍ ଉତ୍ସାହିତ ରହିଥିଲା। କିନ୍ତୁ ଭାରତ କୂଟନୈତିକ ସ୍ତରରେ ପାକିସ୍ତାନର ସଫଳତାକୁ ପ୍ରତିହତ କରିବା ପାଇଁ ଯେଉଁ ଉଦ୍ୟମ କରିଥିଲା ସେଥିରେ ବେଶ୍ ସଫଳ ହୋଇଛି। ସୁରକ୍ଷା ପରିଷଦରେ କଶ୍ମୀର ପ୍ରସଙ୍ଗରେ ଆନୁଷ୍ଠାନିକ ଓ ଖୋଲା ଆଲୋଚନା ପାଇଁ ପାକିସ୍ତାନ ଉଦ୍ୟମ କରିଥିଲେ ମଧ ଏଥିରେ



ଫେଲ୍ ମାରିଛି। ଏହି ପରିପ୍ରେକ୍ଷୀରେ ଜାତିସଂଘର ଜଣେ ବରିଷ୍ଠ କୂଟନୀତିଜ୍ଞ ପାକିସ୍ତାନ ➤ ପୃ-୬

# ପୋଲିସ ଭକ୍ଷକ ହେଲେ ଲୋକେ ନ୍ୟାୟ ପାଇବେ କେମିତି !

**ଭୁବନେଶ୍ୱର:** ସମସ୍ୟାର ସମ୍ମୁଖୀନ ହେଲେ ସାଧାରଣ ଲୋକ ନ୍ୟାୟ ପାଇଁ ପ୍ରଶାସନ ନିକଟରେ ଗୁହାରୀ କରନ୍ତି। ହେଲେ ପ୍ରଶାସନ ଯେତେବେଳେ ନିଜେ ବଇରି ସାଜେ ସେତେବେଳେ ସାଧାରଣ ଲୋକ ନ୍ୟାୟ ପାଇଁ ତହଲ ବିକଳ ହୁଅନ୍ତି। ଅଭିଯୋଗ ଅନୁଯାୟୀ ୧୯୭୨ ମସିହାରେ ରଘୁନାଥପୁର ମୌଜାରେ ଥିବା ଖାତା ନଂ-୮୯/ ପ୍ଲଟ୍ ନଂ.-୧୮୫୮, ୮ ଡିସିମିଲ୍ ଜମିକୁ ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା। ୩୦.୦୧.୧୯୭୩ ମସିହାରେ ଜମିର ମୂଳ ମାଲିକ ଦିଗମ୍ବର ରାଉତ କ୍ଷତିପୂରଣ ବାବଦକୁ ଅର୍ଥ ମଧ ଗ୍ରହଣ କରିଥିଲେ। କିନ୍ତୁ ୧୯୭୪ ମସିହାରେ ଦିଗମ୍ବର ରାଉତଙ୍କ ପୁତ୍ର ଏବଂ ସୂର୍ଯ୍ୟପ୍ରକାଶ ମିଶ୍ର ତଞ୍ଚକତା କରି ପୁନର୍ବାର ଉକ୍ତ ଜମିକୁ ନିଜ ନାମରେ କରାଇ ନେବାକୁ ସକ୍ଷମ ହେଲେ। ୧୯୯୪ ମସିହାରେ ଭୁବନେଶ୍ୱର ସବ୍ ରେଜିଷ୍ଟ୍ରାରରେ ସୂର୍ଯ୍ୟପ୍ରକାଶ ରେଜିଷ୍ଟ୍ରି କରାଇ ତହସିଲଦାରଙ୍କ ପାଖରେ ମ୍ୟୁଟେସନ ଆପ୍ଲାଇ କରି ପଟ୍ଟା ମଧ ହାସଲ କରିନେଲେ। ପଟ୍ଟା ପାଇବା ପରେ ସେ ଉକ୍ତ ଜମିକୁ ଏସ୍‌ସିବି ମେଡିକାଲ କଲେଜରେ କାର୍ଯ୍ୟରତ ଥିବା ଚକ୍ଷୁ ଡାକ୍ତର ଲକ୍ଷ୍ମୀଧର ଜେନାଙ୍କ ନାମରେ ୨୦୧୮ ମସିହାରେ ଏହି ଜମିକୁ କବଲା କରିଦେଲେ। ପରେ ଡ. ଜେନା ସୂର୍ଯ୍ୟପ୍ରକାଶଙ୍କ ଜରିଆରେ ଭୁବନେଶ୍ୱର ତହସିଲରେ ମ୍ୟୁଟେସନ (ମ୍ୟୁଟେସନ ନମ୍ବର-୨୫୦୪୭/୨୦୧୮) କରିବା ସହ ପଟ୍ଟା ହାତେଇବା ପରେ ଚଳିତ ଜୁଲାଇ ମାସରେ ସେ ଜମି ଚିହ୍ନଟ ପାଇଁ ଆବେଦନ କରିଥିଲେ। ଯାହାର ନମ୍ବର-୬୩/୧୯ ଅଟେ। ଉକ୍ତ ଜମି ଚିହ୍ନଟ ସମୟରେ ଭୁବନେଶ୍ୱର ଉପଜିଲ୍ଲାପାଳ, ତହସିଲଦାର, ନନ୍ଦନକାନନ ଥାନା ଭାରପ୍ରାପ୍ତ ଅଧିକାରୀ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**: ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ରାଜନୀତି କ୍ଷେତ୍ରରେ ସଫଳ ପାଇବେ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ**: ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ।

**ମିଥୁନ**: ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**କର୍କଟ**: ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ସିଂହ**: ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ବ୍ୟବସାୟରେ ଉନ୍ନତି ଲାଭ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ।

**କନ୍ୟା**: କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**ତୁଳା**: କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ବିଛା**: କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**ଧନୁ**: ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**ମକର**: କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ।

**କୁମ୍ଭ**: ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**ମୀନ**: ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଲୋକଙ୍କ ବିଶ୍ୱାସ ସରକାରକୁ ସଶକ୍ତ କରିଛି: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ସମଗ୍ର ଦେଶରେ ୭୩ତମ ସ୍ୱାଧୀନତା ଦିବସ ହର୍ଷୋଲ୍ଲାସର ସହିତ ପାଳନ କରାଯାଇଛି। ନୂଆଦିଲ୍ଲୀର ଲାଲକିଲ୍ଲା ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ମୋଦି ଲାଲକିଲ୍ଲାର ପ୍ରାଚୀରରୁ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ, ଗୋଟିଏ ଦେଶ ଗୋଟିଏ ସମ୍ବିଧାନ ସ୍ୱପ୍ନ ତାଙ୍କ ସରକାରଙ୍କ ଯୋଗୁଁ ସାକାର ହୋଇଛି। ସେଥିପାଇଁ ସେ ଗର୍ବିତ। ତାଙ୍କ ସରକାର ଗତ ପାଞ୍ଚବର୍ଷ ଧରି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରି ଆସିଛନ୍ତି। ଭାରତ ଜଳସଂରକ୍ଷଣର ଗୁରୁତ୍ୱ ପ୍ରତି ସମ୍ବେଦନଶୀଳ। ସେଥିଲାଗି ଜଳଶକ୍ତି ମନ୍ତ୍ରାଳୟ ଗଠନ କରାଯାଇଛି। ପ୍ରତ୍ୟେକ ପରିବାରରେ ପାନୀୟ ଜଳ ପହଞ୍ଚାଇବା ସକାଶେ 'ଜଳ ଜୀବନ' ପାଇଁ ସରକାର ୩ଲକ୍ଷ ୫୦ ହଜାର କୋଟି ଟଙ୍କା ବ୍ୟୟ କରିବେ ବୋଲି ସେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ସରକାର ଦ୍ୱିତୀୟଥର ଶାସନକୁ ଆସିବାର ଦଶ ସପ୍ତାହ ମଧ୍ୟରେ ଦେଶବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରେ ତିନି ତଲାକ ଏବଂ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଆଦି ଅନ୍ତର୍ଭୁକ୍ତ। ଧାରା ୩୭୦ ଉଚ୍ଛେଦ କରାଯିବା ଦ୍ୱାରା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି। ସେହିପରି ଦେଶର ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ଏକଶହ ଲକ୍ଷ କୋଟି ଟଙ୍କା ବ୍ୟୟ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସାଂପ୍ରତିକ ବନ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଶ୍ରୀ ମୋଦି ସମବେଦନା ଜଣାଇବା ସହିତ ବନ୍ୟା ପ୍ରଭାବିତଙ୍କୁ କେନ୍ଦ୍ରୀୟ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଶରୁ ଦାରିଦ୍ର୍ୟ ଦୂର କରିବା ପ୍ରସଙ୍ଗରେ କହିଛନ୍ତି ଯେ, ଦେଶର ଉନ୍ନତ ଭବିଷ୍ୟତ ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ। ଜନସଂଖ୍ୟା ବୃଦ୍ଧି ଉପରେ ସେ କହିଛନ୍ତି ଯେ, ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ। ଆଗାମୀ ବଂଶଧର ପାଇଁ ଜନସଂଖ୍ୟା ସମସ୍ୟା ବିକାଶର ଅନ୍ତରାୟ ହେବ ବୋଲି ସେ



କହିଛନ୍ତି। ଛୋଟ ପରିବାର ଦେଶର ବିକାଶ ପାଇଁ ଅନୁକୂଳ ହୋଇଥିଲା ବେଳେ ଜନସଂଖ୍ୟା ସମସ୍ୟା ରୋକିବା ପ୍ରୟାସ ଦେଶପ୍ରେମର ଅଂଶବିଶେଷ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମୌଳିକ ଭିତ୍ତିଭୂମି କ୍ଷେତ୍ରରେ ୧୦ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଶ୍ରୀ ମୋଦି କହିଛନ୍ତି ଯେ, ଆସନ୍ତା ୫ ବର୍ଷ ଭିତରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ବିଶ୍ୱ ଅର୍ଥନୀତିରେ ଅଧିକ ଅଂଶଦାନ ପାଇଁ ରପ୍ତାନିରେ ଉନ୍ନତି ଆଣିବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ପାଇଁ ସମ୍ପତ୍ତି ଆହରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହାଦ୍ୱାରା ସମ୍ପତ୍ତି ବଣ୍ଟନ ସମ୍ଭବ ହୋଇପାରିବ। ଶ୍ରୀ ମୋଦି କହିଛନ୍ତି ଯେଉଁମାନେ ସମ୍ପତ୍ତି ସୃଷ୍ଟି ଦିଗରେ ଉଦ୍ୟମ ଚଳାଇଛନ୍ତି, ସେମାନଙ୍କୁ ସମ୍ମାନ ଦେବାକୁ ପଡିବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ଭାରତରେ ଏକ ସ୍ଥିର ସରକାର ରହିଛି। ତେଣୁ ଏହାର ନୀତି ନିର୍ଦ୍ଧାରଣ ଅତ୍ୟନ୍ତ ଗତିଶୀଳ ହେବ। ସେ କହିଛନ୍ତି ଯେ, ଭାରତ ସହ ବାଣିଜ୍ୟ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶ ଗୁଡିକ ଆଗ୍ରହ ପ୍ରକାଶ କରିଛନ୍ତି। ସରକାର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିଛନ୍ତି ଏବଂ ଅଧିକ ବିକାଶ ଦିଗରେ ଦେଶ ଆଗେଇ ଚାଲିଛି। ଭାରତୀୟ ଅର୍ଥନୀତିର ମୂଳଭିତ୍ତି ସୁଦୃଢ଼ ରହିଛି, ଯାହାଦ୍ୱାରା ଅଭିବୃଦ୍ଧି ଦ୍ରୁତଗତିରେ ଆଗେଇ ଚାଲିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## 'ପରିସ୍ଥିତି ଅନୁସାରେ ପରମାଣୁ ଅସ୍ତ୍ର ନୀତି ବଦଳିବ'

**ଯୋଧପୁର:** ପ୍ରଥମେ ପରମାଣୁ ଅସ୍ତ୍ର ବ୍ୟବହାର କରିବୁ ନାହିଁ ଆମର ନୀତି ରହିଛି। ହେଲେ ଭବିଷ୍ୟତରେ କ'ଣ ହେବ ତାହା ପରିସ୍ଥିତି ଉପରେ ନିର୍ଭର କରେ। ଏଭଳି କଡା ଭାଷାରେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦକୁ ବିରୋଧ କରି ପାକିସ୍ତାନର ଅନେକ ମନ୍ତ୍ରୀ

### ପାକ୍‌କୁ ଚେତାବନୀ

ଓ ରାଜନେତା ଭାରତକୁ ଯୁଦ୍ଧ ଧମକ ଦେଇଆସୁଛନ୍ତି। ଏହାକୁ ନେଇ ପାକିସ୍ତାନ ମିଳିତ ଜାତିସଂଘର ଦ୍ୱାରସ୍ଥ ହୋଇଛି। ପାକିସ୍ତାନୀ ବିଭିନ୍ନ ଦେଶରେ ଥିବା ଭାରତ ଦୂତାବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଭଳି ସମୟରେ ରାଜନାଥ ପରମାଣୁ ଅସ୍ତ୍ର ବ୍ୟବହାର କଥା କହି ପାକିସ୍ତାନକୁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ରାଜନାଥ ସିଂହ ଶୁକ୍ରବାର ପୋଖରାନ ପରମାଣୁ ବୋମା ବରୀକ୍ଷଣ ସ୍ଥଳରେ ପହଞ୍ଚି ପୂର୍ବତନ



ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ତାଙ୍କ ପ୍ରଥମ ଶ୍ରଦ୍ଧାବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଯୋଗୁଁ ଆମ ଦେଶ ପରମାଣୁ ଶକ୍ତି ସମ୍ପନ୍ନ ହୋଇପାରିଛି। ଅନ୍ତର୍ଜାତୀୟ ଚାପକୁ ଅଣଦେଖା କରି ବାଜପେୟୀ ପରମାଣୁ ବୋମା ପରୀକ୍ଷା କରିଥିଲେ। ଏହାପୂର୍ବରୁ ରାଜନାଥ ଜୈସଲମେରରେ ସେନା ଦ୍ୱାରା ଆୟୋଜିତ ସମାରୋହରେ ଅନ୍ତର୍ଜାତୀୟ ସ୍କାଉଟ୍ ମୋଟର୍ସ ପ୍ରତିଯୋଗିତାରେ ବିଜୟୀ ଭାରତୀୟ ସୈନ୍ୟ ଦଳକୁ ସମ୍ମାନିତ କରିଥିଲେ। ଭାରତୀୟ ସେନା ଏହି ପ୍ରତିଯୋଗିତାରେ ପ୍ରଥମଥର ଭାଗ ନେଇଥିଲା। ଏହି ପ୍ରତିଯୋଗିତାରେ ଋଷ, ଚୀନ ସମେତ ୮ଟି ଦେଶର ସୈନ୍ୟ ଭାଗ ନେଇଥିଲେ। ସେ ଋଷର ଚର୍ଚ୍ଚା କରି କହିଥିଲେ ଯେ, ଭାରତ-ଋଷ ସମ୍ପର୍କ ବହୁତ ପୁରୁଣା ଓ ଗଭୀର। ମଧ୍ୟ ଏସିଆରେ କାଜାକିସ୍ତାନ ଓ ଅନ୍ୟ ଦେଶ ସହ ଭାରତର ବାଣିଜ୍ୟ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି। ସୁଦାନରେ ଗୋଟିଏ ଦଶକରୁ ଅଧିକ ସମୟ ହେବ ଶାନ୍ତି ସେନା ଯୋଗେ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଛି। ଏହି କାର୍ଯ୍ୟକ୍ରମରେ ସେନା ମୁଖ୍ୟ ଜେନେରାଲ ବିପିନ ରାୱତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରମ୍ପଙ୍କୁ ପାଗଳ କହିଲେ ଡାନିସ୍ ସାଂସଦ

**ୱାଶିଂଟନ:** ଯୁକ୍ତରାଷ୍ଟ୍ର ଆମେରିକାକୁ ଗ୍ରୀନ୍‌ଲାଣ୍ଡ ବିକିବା ପ୍ରସଙ୍ଗରେ ଡାନିସ୍ ସାଂସଦମାନେ ତାଚ୍ଛଲ୍ୟ କରିଛନ୍ତି। ବିଶ୍ୱର ସବୁଠାରୁ ବଡ଼ ଦ୍ୱୀପକୁ କିଣିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପରାମର୍ଶଦାତାଙ୍କ ସହ ଆଲୋଚନା କରୁଥିବା ଜାଣିବା ପରେ ଡାନିସ୍ ସାଂସଦଙ୍କ ମଧ୍ୟରେ ହାସ୍ୟରୋଳ ପ୍ରକାଶ ପାଇଛି। ସେପ୍ଟେମ୍ବରରେ ଟ୍ରମ୍ପ୍ କୋପେନ୍‌ହାଗେନ୍ ଗସ୍ତରେ ଯିବାର ଅଛି। ସେଠାରେ ଡେନ୍‌ମାର୍କ ଓ ଗ୍ରୀନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ। ଟ୍ରମ୍ପଙ୍କ ଗ୍ରୀନ୍‌ଲାଣ୍ଡ କିଣିବା ଆଶା ଏପ୍ରିଲ ଫୁଲ୍ ଜୋକ୍ ଛଡ଼ା ଅନ୍ୟ କିଛି ନୁହେଁ ବୋଲି କହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଲାର୍ସ ଲୋକେ ରାସମୁସେନ୍। କିନ୍ତୁ ହ୍ୱାଇଟ୍ ହାଉସର ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱର ସହ ବିଚାର କରୁଛନ୍ତି। 'ଟ୍ରମ୍ପ୍ ସେଭଳି କିଛି ବିଚାର କରୁଥିଲେ, ଧରିନେବାକୁ ହେବ ସେ ପାଗଳ ହୋଇଯାଇଛନ୍ତି।' ଏହି ମନ୍ତବ୍ୟ ଦେଇଛନ୍ତି ଡାନିସ୍ ପିପୁଲ୍ସ ପାର୍ଟିର ମୁଖପାତ୍ର ସୋରେନ୍ ଇସ୍ପେର୍ସେନ୍। ସୋରେନଙ୍କ ମତରେ ଯୁକ୍ତରାଷ୍ଟ୍ର



ଆମେରିକାକୁ ଡେନ୍‌ମାର୍କ ୫୦ ହଜାର ନାଗରିକଙ୍କୁ ବିକିବା ସମ୍ପୂର୍ଣ୍ଣ ଅସମ୍ଭବ। ଡେନ୍‌ମାର୍କର ସ୍ୱୟଂଶାସିତ ଅଞ୍ଚଳ ହେଉଛି ଗ୍ରୀନ୍‌ଲାଣ୍ଡ। ଏହା ଉତ୍ତର ଆଟ୍‌ଲାଣ୍ଟିକ୍ ଓ ଆର୍କଟିକ୍ ସାଗର ମଧ୍ୟରେ ଅବସ୍ଥିତ। ଡେନ୍‌ମାର୍କର ଆର୍ଥିକ ସହାୟତା ଉପରେ ନିର୍ଭରଶୀଳ ଏହି ଇଲାକାକୁ କିଣିବା ପାଇଁ ଟ୍ରମ୍ପ୍ ମସୁଧା କରୁଛନ୍ତି। ଟ୍ରମ୍ପଙ୍କ ଉଦ୍ୟମର ସତ୍ୟାସତ୍ୟ ଜାଣିବା ପାଇଁ ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକ୍‌ସେନ୍ ଓ ବୈଦେଶିକ ମନ୍ତ୍ରୀ ଜିପେ କୋଫୋଡଙ୍କ ମନ୍ତବ୍ୟ ଜାଣିବା ଜରୁରୀ। ତା' ସହିତ କୋପେନ୍‌ହାଗେନ୍‌ରେ ଥିବା ଆମେରିକା ଦୂତାବାସ କର୍ତ୍ତୃପକ୍ଷଙ୍କ ମତାମତ ଜାଣିବା ନିହାତି ଆବଶ୍ୟକ।

## ଚିଫ ଅଫ ଆର୍ମି ଷ୍ଟାଫ ଶତ୍ରୁଙ୍କ ପାଇଁ ବଜ୍ର ଭଳି: ଶାହା

**ଜିନ୍ଦ:** କେନ୍ଦ୍ରୀୟ ଗୃହ ମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଦେଶର ସୁରକ୍ଷାକୁ ମଜବୁତ କରିବାକୁ ଚିଫ ଅଫ ଆର୍ମି ଷ୍ଟାଫ କରିବାକୁ ଘୋଷଣା କରିଛନ୍ତି। ଚିଫ ଅଫ ଆର୍ମି ଷ୍ଟାଫ ଶତ୍ରୁମାନଙ୍କ ପାଇଁ ବଜ୍ର ସମାନ ହେବ ବୋଲି ସେ କହିଛନ୍ତି। ହରିଆଣାର ଜିନ୍ଦ ଠାରେ ବିଜେପି ପକ୍ଷରୁ ଆୟୋଜିତ ଆସ୍ଥା ର୍‍ୟାଲୀରେ ଉଦବୋଧନ ଦେଇ ଶ୍ରୀ ଶାହ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସେ ଭାରତ ମାତା କି ଜୟ ସହ ନିଜର ସମ୍ବୋଧନ ଆରମ୍ଭ କରିଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ଦେଶର ଜନସାଧାରଣ ଓ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି । ମୋଦି ସରକାର ଦେଶକୁ ଏକାଠି କରିଛନ୍ତି ତଥା ଜାମ୍ମୁ କାଶ୍ମୀରରେ ଧାରା ୩୭୦ ହଟାଇ ସେଠାରେ ବିକାଶର ରାସ୍ତା ଖୋଲିଛନ୍ତି ।

### ୩୭୦ ଉଚ୍ଛେଦ ପ୍ରସଙ୍ଗ

## ଆବେଦନକାରୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ବିରୋଧରେ ସୁପ୍ରିମକୋର୍ଟରେ ଆଗତ ଏକ ପିଟିସନର ଶୁଣାଣି କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଆଇନଜୀବୀ ଏମ୍ଏଲ୍ ଶର୍ମାଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ସେ ଅଧଘଣ୍ଟା ଧରି ପିଟିସନ୍ ପଢ଼ିଲେ ମଧ୍ୟ କିଛି ବୁଝିପାରିଲେନି। ଆବେଦନକାରୀ ପ୍ରକୃତରେ କ'ଣ କହିବାକୁ ଚାହାନ୍ତି, ସୁପ୍ରିମକୋର୍ଟ ଜାଣିପାରିଲେନି। ସଲିସିଟର୍ ଜେନେରାଲ୍ ତୁଷାର ମେହଟ୍ଟା କହିଛନ୍ତି ଯେ ଭାରତର ନିରାପତ୍ତା ଏଜେନ୍ସି କଶ୍ମୀର ଉପରେ ସତର୍କ ଦୃଷ୍ଟି ରଖିଛି। ପ୍ରତି ଘଣ୍ଟାକରେ କ'ଣ ଘଟୁଛି, ତା'ର ଟିକିନିଖି ବିବରଣୀ ପ୍ରଦାନ କରୁଛି। ପିଟିସନ୍ ଦାଖଲ କରି ଓକିଲ ମନୋହର ଲାଲ ଶର୍ମା ମାମଲାର ତୁରନ୍ତ



ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ପ୍ରଧାନ ବିଚାରପତି ଗୋଗୋଇ ମାମଲାର ତୁରନ୍ତ ବିଚାର କରାଯିବନି ବୋଲି ରୋକ୍‌ଠୋକ୍ କହିଥିଲେ। ସୁପ୍ରିମକୋର୍ଟ କଶ୍ମୀର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦିକା ଅନୁରାଧା ଭାସିନଙ୍କ ପିଟିସନ୍‌ର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଭାସିନ କଶ୍ମୀରରେ ମୋବାଇଲ୍ ସେବା, ଲ୍ୟାଣ୍ଡଲାଇନ୍ ସେବା ସମେତ ଯୋଗାଯୋଗ କରିବାର ସବୁ ମାଧ୍ୟମ ଚାଲୁ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଆବେଦନକାରୀ ଭାସିନ ଉଲ୍ଲେଖ କରିଥିଲେ ଯେ ଯୋଗାଯୋଗ ସେବା ବ୍ୟାହତ କରାଯିବା ଫଳରେ ଲୋକଙ୍କ ମଧ୍ୟରେ ସମ୍ପର୍କ ରଖିବା କଷ୍ଟକର ହୋଇପଡ଼ିଛି। ପରିବାର ସହ ସମ୍ପର୍କ ରହୁନାହିଁ। ଇଣ୍ଟର୍‌ନେଟ୍ ସେବା ବନ୍ଦ କରାଯିବା ଅଫିସରେ କାମ ଅଟକି ରହୁଛି। ସମ୍ବାଦ ସଂସ୍ଥାଗୁଡ଼ିକ ଖବର ସଂଗ୍ରହ କରିପାରୁନାହାନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍ଏ ବୋବ୍‌ଡେ ଓ ଜଷ୍ଟିସ୍ ଏସ୍ଏ ନଜୀରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବେ।

## ଏଣିକି ଖାଦ୍ୟ ପ୍ୟାକେଟ୍‌ରେ ଏକ୍ସପାୟରୀ ତାରିଖ

**ନୂଆଦିଲ୍ଲୀ:** ଭବିଷ୍ୟତରେ ଗ୍ରାହକମାନେ ଯେକୌଣସି ପ୍ୟାକେଟ୍‌ଯୁକ୍ତ ଖାଦ୍ୟ କିଣିବେ, ଉକ୍ତ ଖାଦ୍ୟସାମଗ୍ରୀ ଉପରେ ଏକ୍ସପାୟରୀ ତାରିଖ ବା ମିଆଦ ସମୟସୀମା ଉଲ୍ଲେଖ କରାଯିବ। ଏଥିସହ 'ବେଷ୍ଟ୍ ବିଫୋର ଡେଟ୍' ବା କେଉଁ ସମୟ ପୂର୍ବରୁ ଏହା ବ୍ୟବହାର କରାଯିବା ଉଚିତ୍, ସେ ସମ୍ବନ୍ଧରେ ମଧ୍ୟ ପ୍ରିଣ୍ଟ୍ କରାଯିବ। ଏହାଛଡ଼ା ବେଷ୍ଟ୍ ବିଫୋର୍ ଡେଟ୍ ପଳେଇବା ପରେ କମ୍ପାନୀକୁ ସମସ୍ତ ପ୍ରଡକ୍ଟ ଉପରେ ରିହାତି ଦେବାକୁ ପଡ଼ିବ। ଏହା ହେଉଛି ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପ୍ରସ୍ତାବର ଏକ ଅଂଶ। ଏହି ପ୍ରସ୍ତାବ ମୁତାବକ, ଯଦି କୌଣସି ଉତ୍ପାଦ ବେଷ୍ଟ୍ ବିଫୋର ଡେଟ୍‌କୁ ପାର୍ କରିଯାଉଛି ଏବଂ ଖାଇବା ଲାଗି ବିଲ୍‌କୁଲ୍ ସୁରକ୍ଷିତ, ତେବେ ରିହାତି ଅନ୍ତର୍ଗତ ମୋଟ ମୂଲ୍ୟରୁ କିଛି ହ୍ରାସ କରାଯିବା ଆବଶ୍ୟକ। ଏହାଦ୍ୱାରା ଖାଦ୍ୟ ନଷ୍ଟ ହେବାରୁ ମଧ୍ୟ ରୋକିହେବ।

# ଭାରତରେ ଅରବପତିଙ୍କ ସଂଖ୍ୟା ବଢୁଛି

**ନୂଆଦିଲ୍ଲୀ:** ବିଶ୍ୱସ୍ତରରେ ଯେକୌଣସି ରାଷ୍ଟ୍ର ତୁଳନାରେ ଭାରତୀୟ ଅରବପତିଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତୀୟ ଅରବପତିଙ୍କ ସଂଖ୍ୟା ମାତ୍ର ୯ରେ ସୀମିତ ରହିଥିଲା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୧୯ ପହଞ୍ଚିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଅର୍ଥାତ୍ ବିଶ୍ୱର ଅନେକ ଉନ୍ନତ ତଥା ବିକାଶଶୀଳ ରାଷ୍ଟ୍ରମାନଙ୍କ ଜନସମୁଦାୟ ତୁଳନାରେ ଭାରତୀୟ ଜନସମୁଦାୟରେ ଅରବପତିଙ୍କ ସଂଖ୍ୟା ବଢୁଛି। ତେବେ ବିଶ୍ୱର ଦ୍ୱିତୀୟ ବୃହତ୍ ଜନବହୁଳ ରାଷ୍ଟ୍ର ଭାବେ ଭାରତର ୧୨୦ କୋଟି ଜନସଂଖ୍ୟା ତୁଳନାରେ ଏହି ଅରବପତିଙ୍କ ସଂଖ୍ୟା ଅତି ନଗଣ୍ୟ ବୋଲି କୁହାଯାଇଛି। ଆନ୍ତର୍ଜାତିକ ସଂସ୍ଥା ଏଏଫ୍‌ଆର ଏସିଆ ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, ବିଗତ ୧୦ ବର୍ଷ ମଧ୍ୟରେ ଭାରତରେ ଘରୋଇସ୍ତରରେ ପୁଞ୍ଜିପତିଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ତେବେ ପୁଞ୍ଜି ଠୁଳ କରିବା ସମସ୍ତଙ୍କ ପାଇଁ ଖୁସିର ଖବର ଆଣିଦେଇନଥାଏ। କାରଣ ସମାନ ଭାବେ ପୁଞ୍ଜିର ବିତରଣ ନହେବା ଯୋଗୁ କେତେକ କ୍ଷେତ୍ରରେ ଏହା ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ଏହି ମର୍ମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସମାଜସେବୀ ସଂଗଠନ ଅକ୍ସଫାମ୍ ପକ୍ଷରୁ କୁହାଯାଇଛି ଯେ, ଭାରତ ଯଦିଓ ବିଶ୍ୱର ଦ୍ରୁତତମ ଅର୍ଥନୈତିକ ବିକାଶଶୀଳ ରାଷ୍ଟ୍ର ଭାବେ ମାନ୍ୟତା ଲାଭ କରିଛି ଏଠାରେ ଆୟ କ୍ଷେତ୍ରରେ ମଧ୍ୟ ସବୁଠାରୁ ଅଧିକ ପାର୍ଥକ୍ୟ ରହିଛି। ଭାରତରେ ଆୟ କ୍ଷେତ୍ରରେ ରହିଥିବା ପାର୍ଥକ୍ୟ ବିଗତ ୩ ଦଶନ୍ଧି ମଧ୍ୟରେ ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଛି। କାରଣ ଭାରତର ମୋଟ ସମ୍ପତ୍ତି ମଧ୍ୟରୁ ରିପୋର୍ଟ ଅନୁଯାୟୀ, ୨୦୧୭ ବର୍ଷରେ ଦେଶରେ ସୃଷ୍ଟି ହୋଇଥିବା ସମ୍ପତ୍ତି ମଧ୍ୟରୁ ୭୩ ଭାଗ ସମ୍ପତ୍ତି କେବଳ ୧ ପ୍ରତିଶତ ଲୋକଙ୍କ ପାଖରେ ରହିଥିଲା। ଏହି ସମୟ ମଧ୍ୟରେ ଦେଶର ମୋଟ

### ଅକ୍ସଫାମ୍ ରିପୋର୍ଟ

୭୭ ଭାଗ କେବଳ ୧୦ ପ୍ରତିଶତ ଲୋକଙ୍କ ପାଖରେ ରହିଛି ବୋଲି ଅକ୍ସଫାମ୍ ରିପୋର୍ଟରେ କୁହାଯାଇଛି। ଭାରତରେ ଧନ ବିତରଣ ବ୍ୟବସ୍ଥାରେ ରହିଥିବା ଅସମାନତା ଏଥିପାଇଁ ମୁଖ୍ୟ କାରଣ ହୋଇଥିବା କୁହାଯାଇଛି। ଅକ୍ସଫାମ୍ ଜନସଂଖ୍ୟାର ପ୍ରାୟ ଅଧାଅଧି ଭାବେ ୬୭ ନିୟୁତ ଗରିବ ଲୋକଙ୍କ ସମ୍ପତ୍ତିରେ ମାତ୍ର ୧ ପ୍ରତିଶତ ବୃଦ୍ଧି ଘଟିଛି। ଏହାଛଡ଼ା ଭାରତରେ ଚିକିତ୍ସାଜନିତ ଖର୍ଚ୍ଚ ଦିନକୁ ଦିନ ଆକାଶଛୁଆଁ ହେଉଥିବା ବେଳେ ଭାରତୀୟ ହେଲ୍ଥକେୟାର ବ୍ୟବସ୍ଥା ପ୍ରତିବର୍ଷ ୬୩ ନିୟୁତ ଲୋକଙ୍କୁ ଗରିବୀ ଆଡକୁ ଟାଣି ନେଉଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ବିଶେଷକରି ପୁଞ୍ଜିବାଦୀଙ୍କ ପାଇଁ ଭାରତୀୟ ବ୍ୟବସ୍ଥା ସୁହାଉଥିବା ବେଳେ ଗରିବ ଶ୍ରେଣୀଙ୍କ ପାଇଁ ଦିନକୁ ଦିନ ସର୍ବନିମ୍ନ ରୋଜଗାର ସମେତ ଉନ୍ନତ ଶିକ୍ଷା ଏବଂ ଚିକିତ୍ସା ସୁବିଧା ସୁଦୂର ହୋଇପଡୁଛି। ଭାରତର ଆରବପତିଙ୍କ ମିଳିତ ସମ୍ପତ୍ତି ମୂଲ୍ୟ ଅଷ୍ଟ୍ରେଲିଆ, ଜର୍ମାନୀ ଏବଂ ଯୁକ୍ତରାଜ୍ୟ ଭଳି ରାଷ୍ଟ୍ରମାନଙ୍କ ଅରବପତିଙ୍କ ସମ୍ପତ୍ତି ଠାରୁ ଦ୍ୱିଗୁଣ ଅଧିକ ହେବ ବୋଲି କୁହାଯାଇଛି। ସେହିପରି ପୁଞ୍ଜି ଠୁଳ କରିବାରେ ଭାରତ ଖୁବ୍‌ଶୀଘ୍ର ଚୀନ୍‌କୁ ଟପିଯିବ ବୋଲି ବିଶ୍ୱ ଅର୍ଥନୀତି ମଞ୍ଚ ପକ୍ଷରୁ ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି।

### ରକ୍ଷଣାବେକ୍ଷଣ ଅଭାବ; ଦୁର୍ବଳ ହେଉଛି ହୀରାକୁଦ ବନ୍ଧ

# ମରାମତି ନହେଲେ ଆଗକୁ ବିପଦ: ସୁରେଶ ପୂଜାରୀ

**ଭୁବନେଶ୍ୱର :** ହୀରାକୁଦ ବନ୍ଧ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଡ୍ୟାମର ଜଳଧାରଣାର କ୍ଷମତା କମିବା ସହ ପଟୁ ମାଟି ଜମା ହେବାରେ ଲାଗିଛି। ହିରାକୁଦ ଡ୍ୟାମ ବନ୍ୟା ନିୟନ୍ତ୍ରଣ କରିବା ପାଇଁ, ଜଳ ସେଚନ କରିବା ପାଇଁ, ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଏବଂ ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ରକ୍ଷଣାବେକ୍ଷଣା ଅଭାବ ଓ ପଟୁମାଟି ମାଡିଥିବା ସ୍ଥାନକୁ ପରିସ୍କାର ନକରିବା ଯୋଗୁଁ ଜଳଧାରଣର କ୍ଷମତା କମିବାର ଲାଗିଛି। ଅନ୍ୟପଟେ ହୀରାକୁଦ ବନ୍ଧରେ ବଡ ବଡ ଫାଟ ସୃଷ୍ଟି ହେଲାଣି। ଏଥିପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଯେଉଁ ୬୦୦ କୋଟି ଟଙ୍କା ଘୋଷଣା କରିଛନ୍ତି । ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ନହେଲେ ଆଗକୁ ବିପଦ ମାଡି ଆସୁଛି ବୋଲି ସାଂସଦ ଓ ରାଷ୍ଟ୍ରୀୟ ସଂପାଦକ ସୁରେଶ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ, ୧୯୪୮ ମସିହାରେ ହୀରାକୁଦ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୫୬ ମସିହାରେ ଶେଷ ହୋଇଥିଲା। ଯାହାର ଆୟୁ



ଥିଲା ୧୦୦ ବର୍ଷ। ଦୀର୍ଘ ୭୫ ବର୍ଷ ହୀରାକୁଦ ହୋଇ ସାରିଥିବାବେଳେ ବାଲି ଏବଂ ପ୍ରେସର ପାଇଁ ଏଥିରେ ବଡ ବଡ ଫାଟ ଦେଖାଗଲାଣି। ଯଦି ଡ୍ୟାମ ଭୁସିଡିଯାଏ ତେବେ ସମ୍ବଲପୁର ଏବଂ ବରଗଡ ସହର ସଂପୂର୍ଣ୍ଣ ଧ୍ୱଂସ ହୋଇଯିବ। ଡ୍ୟାମରେ ଯେଉଁ ସୁଇସ୍ ଗେଟ୍ ସବୁ ଅଛି ସେ ସବୁ ପୁରୁଣା ଯୁଗର ତାକୁ ମାନୁଆଲି ତଳ ଉପର କରି ଖୋଲାଯାଉଛି ଏବଂ ବନ୍ଦ କରାଯାଉଛି। ଏବେ ଏଥିରେ କଳଙ୍କ ଲାଗିବାରୁ ଏହା କାମ କରୁନାହିଁ। ଶ୍ରୀ ପୂଜାରୀ କହିଛନ୍ତି ଯେ, ୧୯୯୫ ମସିହାରେ କେନ୍ଦ୍ରୀୟ ଜଳ କମିଶନର ଅନୁସନ୍ଧାନ ଅନୁଯାୟୀ ହୀରାକୁଦ ବନ୍ଧରେ ୩୭.୩୫ ପ୍ରତିଶତ ବାଲିଚର ମାଡିଯାଇଥିଲା। ବର୍ତ୍ତମାନ ଏହା ନିଶ୍ଚିତ ଭାବେ ବୃଦ୍ଧି ପାଇ ୪୦ ପ୍ରତିଶତରୁ ଅଧିକ ହୋଇସାରିଥିବ। ଯାହା ଫଳରେ ଏକ ତୃତୀୟାଂଶ ଜଳ ଧାରଣ କ୍ଷମତା କମିଯାଇଛି। ଛତିଶଗଡର ଉପର ମୁଣ୍ଡରେ ଅନେକ ଗୁଡିଏ ବ୍ୟାରେଜ ନିର୍ମାଣ କାରଣରୁ ସାଧାରଣ ଭାବରେ ଯେଉଁ ଜଳ ବର୍ଷା ସମୟରେ ଆସୁଥିଲା ତାହା ଧିରେ ଧିରେ କମିବାରେ ଲାଗିଲାଣି। ଡାଲୁଆ ଫସଲ ସମୟରେ ୮ ହଜାର ମିଲିୟନ୍ କ୍ୟୁବିକ୍ ମିଟର ଜଳର ଆବଶ୍ୟକତା ଥିଲା କିନ୍ତୁ ମାତ୍ର ୫ ହଜାର ମିଲିୟନ୍ କ୍ୟୁବିକ୍ ମିଟର ଜଳ ସେଚନ ପାଇଁ ହିରାକୁଦ ବନ୍ଧ ଯୋଗାଉଛି। ଏହି ପରିସ୍ଥିତିକୁ ସୁଧାରନଗଲେ ଆଗାମୀ ୨୫ ରୁ ୩୦ ବର୍ଷ ପରେ ହିରାକୁଦରେ ଜଳ ଧାରଣ କ୍ଷମତା ଏବଂ ଜଳ ସେଚନ କମ୍ ହୋଇଯିବ। ଯେଉଁ ଉଦ୍ଦେଶ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା ତାହା ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ। ହୀରାକୁଦ ବନ୍ଧର ମରାମତି, ସୁଇସ୍ ଗେଟ୍‌ରେ ଆଧୁନିକରଣ ଏବଂ ବିଦ୍ୟୁତ୍ ଚାଳିତ ସୁଇସ୍ ଗେଟ୍ କରିବାର ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାର ୬୦୦ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। ରାଜ୍ୟସରକାର ଆପଣାଇଥିବା ପୁରୁଣା ବ୍ୟବସ୍ଥା ଛାଡି ନୂତନ ପଦ୍ଧତିରେ ପଟୁ ମାଟିକୁ ବାହାର କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦରକାର। ରାଜ୍ୟ ସରକାର ତୁରନ୍ତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ । ଫାଟ ଥିବା ବନ୍ଧର ମରାମତି, ନୂତନ ସୁଇଚ ଗେଟ ଲଗାଇବା ସହ କେନ୍ଦ୍ର ସରକାର ବିଶେଷଜ୍ଞମାନଙ୍କୁ ପଠାଇ ହୀରାକୁଦ ବନ୍ଧକୁ ଅନୁସନ୍ଧାନ କରିବା ଅବଶ୍ୟକତା ଥିବାବେଳେ ରାଜ୍ୟ ସରକାର ସଂପୂର୍ଣ୍ଣ ସହଯୋଗ କରିବାକୁ ଶ୍ରୀ ପୂଜାରୀ ଅନୁରୋଧ କରିଛନ୍ତି। ଶିଳ୍ପସଂସ୍ଥାଗୁଡିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ମହାନଦୀ ପାଣିରେ ମିଶୁଛି। ପାଣି ଦୂଷିତ ହେବା ଦ୍ୱାରା ମହାନଦୀ ଜଳକୁ ବ୍ୟବହାର କରୁଥିବା ଲୋକ ରୋଗାକ୍ରାନ୍ତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟସରକାରଙ୍କ ପ୍ରଦୂଷଣ ବିଭାଗ ଏହା ଉପରେ ତଦନ୍ତ କରି ବେଆଇନ ଭାବେ ନଦୀକୁ ବର୍ଜ୍ୟବସ୍ତୁ ଛାଡୁଥିବା ଶିଳ୍ପମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ହିରାକୁଦ ବନ୍ଧ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ୧୦ ହଜାରରୁ ଉର୍ଦ୍ଧ ପରିବାରକୁ କ୍ଷତିପୂରଣ ଦିଆଯାଉ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି। ଅନ୍ତରାଜ୍ୟ ନଦୀ ଜଳ ଆବଂଟନ ଆଇନ ଆଧାରରେ ରାଜ୍ୟ ସରକାର ନିଜ ପକ୍ଷ ରଖି ମହାନଦୀ ଜଳର ନ୍ୟାର୍ଯ୍ୟ ହକ୍ ପାଇଁ ଛତିଶଗଡ ରାଜ୍ୟ ଉପରେ ଲଗାମ ଲଗାଇବାକୁ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି । ଅନ୍ୟପଟେ ମୋଦି ସରକାର ହିରାକୁଦ ବନ୍ଧ ମରାମତି ପାଇଁ ୬୦୦ କୋଟି ଟଙ୍କା ଅନୁଦାନ ଦେଇଥିବାରୁ ଓଡିଶା ସମେତ ସମସ୍ତ ସମ୍ବଲପୁରବାସୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜରିମାନା ଗଣିବେ ଡାକ୍ତରୀ ଛାତ୍ର



**ଭୁବନେଶ୍ୱର:** ଓଡିଶାର ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍, ପିଜି ଓ ସୁପର ସ୍ପେଶିଆଲିଷ୍ଟ ପାଠ ପଢୁଥିବା ଡାକ୍ତରୀ ଛାତ୍ରଛାତ୍ରୀମାନେ ରାଜ୍ୟ ସରକାରଙ୍କ ଅଧୀନରେ ଦୁଇବର୍ଷ କାର୍ଯ୍ୟ କରିବାକୁ ବାଧ । ଯଦି ସେମାନେ ଦୁଇବର୍ଷ କାର୍ଯ୍ୟ ନକରିବେ ତେବେ ସେମାନଙ୍କୁ ଯଥାକ୍ରମେ ୫୦ଲକ୍ଷ, ଦେଢ କୋଟି ଓ ଦୁଇକୋଟି ଟଙ୍କା ଦେବାକୁ ପଡିବ । ଏଥିପାଇଁ ରାଜ୍ୟ ସରକାର ବଣ୍ଡ୍ ବ୍ୟବସ୍ଥା କରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି । ମନ୍ତ୍ରୀ ଶ୍ରୀ ଦାସ ଗଣମାଧ୍ୟମକୁ ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ପାଇଁ ସରକାର ଆଣିବାକୁ ଥିବା ନୂତନ ସ୍ୱାସ୍ଥ୍ୟ ନୀତିର ଏହା ଏକ ଅଂଶବିଶେଷ । କାରଣ ରାଜ୍ୟରେ ଡାକ୍ତର ପଦବୀ ପୂରଣ କରିବାପାଇଁ ସରକାର ସବୁମତେ ଉଦ୍ୟମ ଜାରି ରଖିଥିବାବେଳେ ଡାକ୍ତରୀ ପାଠ ସାରି ଛାତ୍ରଛାତ୍ରୀମାନେ ରାଜ୍ୟ ବାହାକୁ ପଳାଉଛନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରଖି ସରକାର ଏଭଳି କଠୋର ନିଷ୍ପତ୍ତି ନେଇଛନ୍ତି । ତଦନୁଯାୟୀ ଏମ୍‌ବିବିଏସ୍, ପିଜି ଓ ସୁପରସ୍ପେଶିଆଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ସମୟରେ ଛାତ୍ରଛାତ୍ରୀମାନଙ୍କୁ ବଣ୍ଡ୍ ସ୍ୱାକ୍ଷର କରିବାକୁ ପଡିବ । ଏଥିରେ ଛାତ୍ରଛାତ୍ରୀଙ୍କର ଦୁଇ ଜଣ ଅଭିଭାବକ ବନ୍ଧକ (ସିଓରିଟିଜ୍) ରହିବେ । ରାଜ୍ୟ ଓ ରାଜ୍ୟ ବାହାରର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଲାଗୁ ହେବ । ବିନା ବଣ୍ଡ୍‌ରେ କେହି ନାମ ଲେଖାଇ ପାରିବେ ନାହିଁ । ଫଳରେ ଶିକ୍ଷା ସମାପ୍ତି ପରେ ଛାତ୍ରଛାତ୍ରୀମାନେ ରାଜ୍ୟ ସରକାରଙ୍କ ଅଧୀନରେ ଅତି କମ୍‌ରେ ଦୁଇବର୍ଷ କାର୍ଯ୍ୟ କରିବାକୁ ବାଧ ହେବେ । ଯଦି ଏଥିରେ ସେମାନେ ଖିଲାପ କରନ୍ତି ତେବେ ଏମ୍‌ବିବିଏସ୍ ଉତ୍ତୀର୍ଣ୍ଣ ଡାକ୍ତର ସରକାରଙ୍କ ନିକଟରେ ୫୦ଲକ୍ଷ ଟଙ୍କା, ପିଜି ଉତ୍ତୀର୍ଣ୍ଣ ଡାକ୍ତର ଦେଢ କୋଟି ଓ ସୁପରସ୍ପେଶିଆଲିଷ୍ଟ ପାଠ ସାରିଥିବା ଛାତ୍ରଛାତ୍ରୀ ୨କୋଟି ଟଙ୍କାର ଜୋରିମାନା ଦେବେ।

# ଦଳୀୟ ନେତାଙ୍କୁ ଥଇଥାନ

## ବିଭିନ୍ନ ସରକାରୀ ନିଗମ ଓ ସଂସ୍ଥାରେ ଅଧ୍ୟକ୍ଷ, ଉପଦେଷ୍ଟା ନିଯୁକ୍ତ

**ଭୁବନେଶ୍ୱର :** ୨୦୧୯ ସାଧାରଣ ନିର୍ବାଚନରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ନବୀନ ପଟ୍ଟନାୟକ ପଞ୍ଚମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଗାଦି ଅଳଙ୍କୃତ କରିଥିଲେ। ସମଗ୍ର ଭାରତରେ ନବୀନ ଏକ ବିରଳ ରେକର୍ଡ଼ କରି ଲଗାତାର ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ହେଲେ। ନବୀନଙ୍କ ଏହି ମାଷ୍ଟରଷ୍ଟ୍ରୋକ୍ କେବଳ ନବୀନଙ୍କ ଲୋକପ୍ରିୟତା ନୁହେଁ ତଳ ସ୍ତରରେ ବିଜେଡି ପାଇଁ କାମ କରୁଥିବା କିଛି ନେତାଙ୍କ ପାଇଁ ସମ୍ଭବ ହୋଇପାରିଲା। ନିର୍ବାଚନ ସରିବା ପରେ ସେହି ନେତାମାନଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପଦ ଘୋଷଣା କରି କିଛି ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେବା ପରେ ଆଜି ନିର୍ବାଚନରେ ପ୍ରମୁଖ ଭୂମିକା ତୁଲାଇଥିବା ନେତାମାନଙ୍କୁ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ କରିଛନ୍ତି। ଲେନିନ ମହାନ୍ତିଙ୍କୁ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଆ ରିଭ୍ୟୁ ସମ୍ପାଦକ ପଦବୀ ମିଳିଥିବା ବେଳେ ସୁଜିତ କୁମାରଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା, ଅନୁଭବ ପଟ୍ଟନାୟକଙ୍କୁ ଇଟି ଓ ଆଇଟି ବିଭାଗର ଉପଦେଷ୍ଟା, କୃତିବାସ ପାତ୍ରଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା, ଉତ୍କଳ କେଶରୀ ପରିଡାଙ୍କୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ଉପଦେଷ୍ଟା, ଦେବାଶିଷ ମଲ୍ଲିକଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ଉପଦେଷ୍ଟା, ସୁଲତା ଦେଓଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା, ଜନ୍ମେଜୟ ଲେଙ୍କାଙ୍କୁ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା, ରାମଚନ୍ଦ୍ର ପଣ୍ଡାଙ୍କୁ ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡର ଉପଦେଷ୍ଟା, ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ, ଈଶ୍ୱର ପାଣିଗ୍ରାହୀଙ୍କୁ ଓଡ଼ିଶା ବିହନ ନିଗମର ଅଧ୍ୟକ୍ଷ, ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ଆପିକଲ ଅଧ୍ୟକ୍ଷ, ଅନୁପ ସାଏଙ୍କୁ ଓଡ଼ିଶା ଓ୍ୱାର ହାଉସିଂ କର୍ପୋରେସନର ଅଧ୍ୟକ୍ଷ, ଅସିତ ପଟ୍ଟନାୟକଙ୍କୁ ଓଡ଼ିଶା ମତ୍ସ୍ୟ ବିକାଶ ନିଗମର ଅଧ୍ୟକ୍ଷ, ସୁଧୀର ଦାସଙ୍କୁ ବିଜୁ ସ୍ୱାସ୍ଥ୍ୟକରଣ ଯୋଜନାର ଉପଦେଷ୍ଟା, ଦିଲ୍ଲୀପ ତିର୍କୀଙ୍କୁ ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ, ମାନସ ମାଡକାମୀଙ୍କୁ ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ, ବିନୟ ଟପ୍ପୋଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ, ସୁସ୍ମିତା ବାଗଚୀଙ୍କୁ ମୋ ସ୍କୁଲ ଯୋଜନାର ଅଧ୍ୟକ୍ଷ, ଆକାଶ ଦାସ ନାୟକଙ୍କୁ ମୋ କଲେଜ ଯୋଜନାର ଅଧ୍ୟକ୍ଷ, ମିନତୀ ବେହେରାଙ୍କୁ ମହିଳା କମିଶନର ଅଧ୍ୟକ୍ଷା, କସ୍ତୁରୀ ମହାପାତ୍ରଙ୍କୁ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା, ସୁଲୋଚନା ଦାସଙ୍କୁ ରାଜ୍ୟ ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷା, ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ମିଶନ ଶକ୍ତିର ଉପଦେଷ୍ଟା, ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଭ୍ୟ, ଅମରେନ୍ଦ୍ର ଦାସଙ୍କୁ ଓଡ଼ିଶା କାଜୁ ନିଗମର ଅଧ୍ୟକ୍ଷ, ଲୁଲୁ ଅମତାଙ୍କୁ ଓଡ଼ିଶା ଗ୍ରାମ୍ୟ ଗୃହ ନିଗମର ଅଧ୍ୟକ୍ଷ, ଚିନ୍ମୟ ସାହୁଙ୍କୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ, ଶ୍ରୀମୟୀ ମିଶ୍ରଙ୍କୁ ଓଟିଡିସିର ଅଧ୍ୟକ୍ଷ, ଅମରେଶ ପତ୍ରୀଙ୍କୁ ଓଡ଼ିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଏବଂ ସତ୍ୟବ୍ରତ ତ୍ରିପାଠୀଙ୍କୁ ଓଡ଼ିଶା ସିନେ ବିକାଶ ନିଗମର ଅଧ୍ୟକ୍ଷ, ବିଜୟ କୁମାର ନାୟକଙ୍କୁ ଓଡ଼ିଶା ଯୁବକ ମଙ୍ଗଳ ବୋର୍ଡର ଅଧ୍ୟକ୍ଷ, ପ୍ରିୟଦର୍ଶୀ ମିଶ୍ରଙ୍କୁ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ନିଗମର ଅଧ୍ୟକ୍ଷ, ସୁବାସ ସିଂହଙ୍କୁ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ଏବଂ ସଞ୍ଜୀବ ପାଇକରାୟଙ୍କୁ ଓଡ଼ିଶା ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡର ଅଧ୍ୟକ୍ଷ ପଦ ମିଳିଛି।

# ରାଷ୍ଟ୍ରପତି ପୁଲିସ ପଦକ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ସ୍ୱାଧୀନତା ଦିବସ ଅବସରରେ ଜୟଦେବ ଭବନ ଠାରେ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତିଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ରାଜ୍ୟର ଆରକ୍ଷୀ ବାହିନୀ, ଅଗ୍ନିଶମ ସେବା, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ଏବଂ କାରା ଅଧିକାରୀ ଓ କର୍ମଚାରୀଙ୍କୁ ପୁଲିସ ପଦକ ସହ ଅର୍ଥ ରାଶିରେ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ପୁଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ଜେଲ୍ ଏଡିଜି ଓ ବେସାମରିକ ପ୍ରତିରକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ସମେତ ବହୁ ପଦାଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସାହସିକତା, ଉଲ୍ଲେଖନୀୟ ସେବା ଲାଗି ପୁଲିସ, ଜେଲ ଓ ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସାହସିକତା ପୁଲିସ ପଦକ ଲାଗି ସୁବେଦାର ବିଦ୍ୟାଧର ସେଠୀ, କମାଣ୍ଡୋ ବିଶାଳ ବୋମଜାନ, ହାବିଲଦାର ଦ୍ରୁବ ବାହାଦୁର ବସେନ୍ତ, କମାଣ୍ଡୋ ରାଜେନ୍ଦ୍ର ମଲ୍ଲ, ଦୀପକ ସିଂ କନୱାର, ହାବିଲଦାର ରାଜେଶ ବିଶ୍ୱକର୍ମା, ଏଏସ୍‌ଆଇ ସୁନୀଲ କୁମାର ନନ୍ଦ, ହାବିଲଦାର କମଳେନ୍ଦୁ ଷଡ଼ଙ୍ଗୀ, କନଷ୍ଟେବଲ ମଦନ କିଷାନ, ଆଥନାସିସ ଜୋଜୋ, ମୁକେଶ ବ୍ରହ୍ମା, ଆଇପିଏସ୍ ପ୍ରତୀକ ସିଂ, ଏସ୍‌ଆଇ ରବୀନ୍ଦ୍ର ଶବର, ଅଶୋକ ରଥ, ହାବିଲଦାର ଆଲୋକ ସେଠୀ, କମାଣ୍ଡୋ ଧନଞ୍ଜୟ ବରାଦ, କୃଷ୍ଣଚନ୍ଦ୍ର ପାଙ୍ଗି, ସନ୍ତୋଷ ଧନ୍, ଓଏପିଏଫ୍ ଜଗନ୍ନାଥ କହଁର, କନଷ୍ଟେବଲ ମଧୁସୁଦନ ମଲ୍ଲିକ, ଅତିରିକ୍ତ ଏସ୍‌ପି ନିରଞ୍ଜନ ସାହୁ, ହାବିଲଦାର କେଶବ ସିସ, ଜିତେନ୍ଦ୍ର ଦାସ, କନଷ୍ଟେବଲ ସୁବ୍ରୟ ଶେଖର ବେପାରି, ଉଦ୍ଧବ ଛଲନ, କାହ୍ନୁଚରଣ ମାଝୀଙ୍କୁ ପୁଲିସ ପଦକ ସହ ମାନପତ୍ର ଓ ଅର୍ଥରାଶିରେ ସମ୍ମାନିତ କରାଯାଇଥିଲା। ଉପରୋକ୍ତ ପୁଲିସ କର୍ମଚାରୀମାନେ ମୁଖ୍ୟତଃ ୪ଟି ଘଟଣାରେ ନିଜର ସାହସିକତା ପ୍ରଦର୍ଶନ କରିଥିଲେ।

### ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅଭିନବ ପ୍ରୟାସ

# ଓଡ଼ିଆ ସମେତ ୭ ଆଦିବାସୀ ଭାଷାରେ ହେବ ପ୍ରଶ୍ନପତ୍ର

**ଭୁବନେଶ୍ୱର:** ଛାତ୍ରଛାତ୍ରୀଙ୍କ ସୁବିଧା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ପୁଣି ଏକ ଅଭିନବ ପ୍ରୟାସ। ଶ୍ରେଣୀରେ ପାଠପଢ଼ା ସମେତ ପରୀକ୍ଷାରେ ଯେପରି ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିବେ ସେ ନେଇ ପରୀକ୍ଷା ପୂର୍ବରୁ ପିଲାଙ୍କୁ ପ୍ରସ୍ତୁତ କରାଯିବ। ଏନେଇ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ବିଷୟ ଲାଗି କୋଶ୍ଚିନ୍ ବ୍ୟାଙ୍କ ସୁବିଧା ହେବ। ବିଶେଷକରି ଏହି ବ୍ୟବସ୍ଥାରେ ଓଡ଼ିଆ ଭାଷା ସମେତ ରାଜ୍ୟର ୭ଟି ଆଦିବାସୀ ଭାଷାରେ ଏହି ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି କୋଶ୍ଚିନ୍ ବ୍ୟାଙ୍କ୍ ଲାଗି ପ୍ରସ୍ତୁତି ପ୍ରକ୍ରିୟା ଆସନ୍ତା ଜାନୁଆରୀ ସୁଦ୍ଧା ଶେଷ ହେବ। ତେବେ ୨୦୨୦-୨୧ଶିକ୍ଷାବର୍ଷରୁ ଏହି ସୁବିଧା ପିଲାଙ୍କୁ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍‌ଫେ ଲ୍ ବ୍ୟବସ୍ଥା ଉଚ୍ଛେଦ କରାଯାଇଥିଲା। ଫଳରେ ସରକାରୀ ସ୍କୁଲଗୁଡ଼ିକରେ ପରୀକ୍ଷାର ଭୟ ପିଲାଙ୍କଠାରୁ ଦୂରେଇ ଯିବା ସହ ଶିକ୍ଷାର ମାନରେ ପ୍ରଭାବ ପଡ଼ିଛି। ଏପରିକି ରାଜ୍ୟରେ ୫ମ ପାସ୍ କରୁଥିବା ପିଲାଙ୍କ ମଧ୍ୟରୁ ୬୨ପ୍ରତିଶତ ଛାତ୍ରଛାତ୍ରୀ ପଢ଼ାରେ ସମ୍ପୂର୍ଣ୍ଣ ଦୁର୍ବଳ ରହିଥାନ୍ତି। ସେହିପରି ଅଷ୍ଟମରେ ନାମ ଲେଖାଇଥିବା ପିଲାଙ୍କ ମଧ୍ୟରୁ ୫୦ପ୍ରତିଶତ ପିଲାଙ୍କ ପାଖରେ ୩୦ପ୍ରତିଶତରୁ କମ୍ ଦକ୍ଷତା ରହିଥାଏ। ନବମ ଓ ଦଶମରେ ପାସ୍-ଫେଲ୍ ବ୍ୟବସ୍ଥା ଥିବାରୁ ଅଷ୍ଟମ ପରେ ସିଧାସଳଖ ନବମରେ ନାମଲେଖାଇଥିବା ପିଲାଙ୍କ ମଧ୍ୟରୁ ୭୪ ପ୍ରତିଶତ ପିଲା ଗଣିତରେ ଫେଲ୍ ହେଉଥିବା ବେଳେ ୬୦ପ୍ରତିଶତ ପିଲା ଇଂରାଜୀରେ ଫେଲ ହେଉଛନ୍ତି। ଏପରିକି ୪୦ପ୍ରତିଶତ ପିଲା ଓଡ଼ିଆରେ ଫେଲ ହେଉଥିବା ଜଣାପଡ଼ିଛି। ଫଳରେ ଏହାର ପ୍ରଭାବ ଦଶମ ବୋର୍ଡ ପରୀକ୍ଷାରେ ପଡୁଥିବାରୁ ପୁଣି ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ଏହି ବ୍ୟବସ୍ଥା ଉଚ୍ଛେଦ ହେବା ପରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ସମ୍ଭାବ୍ୟ ପ୍ରଶ୍ନୋତ୍ତର ସୁବିଧା ଯୋଗାଇବା ଲାଗି ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଆ ଭାଷା ସମେତ ହୋ, ଜୁଆଙ୍ଗ, ମୁଣ୍ଡା, ସୌର,କୁଇ, ସାନ୍ତାଳୀ ଏବଂ ପରଜା ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ୧୧ଜଣିଆ କମିଟି ଗଠନ କରାଯିବ। ଯେଉଁଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷକ, ଭାଷାବିତ୍‌ଙ୍କ ସମେତ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ରହିବେ। ତେବେ ପ୍ରଥମ ପର୍ଯ୍ୟାୟରେ ଶ୍ରେଣୀରେ ପଢ଼ାଯାଉଥିବା ଶିକ୍ଷାଦାନ ବ୍ୟବସ୍ଥା ଏବଂ ପରୀକ୍ଷାରେ କେଉଁ ପ୍ରକାର ପ୍ରଶ୍ନ ରହିବ ତାକୁ ଅନୁଧ୍ୟାନ କରାଯିବ। ଯେହେତୁ ସଂକ୍ଷିପ୍ତ ପ୍ରଶ୍ନପତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି କୋଶ୍ଚିନ୍ ବ୍ୟାଙ୍କ୍‌ରେ ଦୀର୍ଘ ମୂଳକ ପ୍ରଶ୍ନ ରଖାଯିବ। ଯେଉଁଥିରେ ୨୦ମାର୍କ ସମେତ ୧୫ମାର୍କ, ୧୦ମାର୍କ, ୫ମାର୍କ, ଅଢ଼େଇ ମାର୍କ ଏବଂ ୧ମାର୍କର ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ। ପିଲାଙ୍କ ଦକ୍ଷତା ଏବଂ ଉତ୍ତର ଦେବାର ଜ୍ଞାନକୁ ଗୁରୁତ୍ୱ ଦେଇ ଏହି ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ। ତେବେ ସାଧାରଣବର୍ଗର ପିଲାଙ୍କ ସମେତ ଆଦିବାସୀ ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲ ସଂଖ୍ୟା ୬୫ହଜାର ୨୭୯। ତେବେ ସରକାରୀ ସ୍କୁଲରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ମୋଟ୍ ପିଲାଙ୍କ ସଂଖ୍ୟା ୨୨ଲକ୍ଷ ୧ହଜାର ୬୨୧ଜଣ। ତେବେ ପ୍ରଥମ ପର୍ଯ୍ୟାରେ ୫୦ହଜାର ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ପ୍ରଶ୍ନପତ୍ର ସେଟ୍ ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ରତ୍ୟେକ ଜିଲ୍ଲାଶିକ୍ଷା ଅଧିକାରୀଙ୍କ ୱେବ୍‌ରେ ମଧ୍ୟ କୋଶ୍ଚିନ୍ ବ୍ୟାଙ୍କର ବ୍ୟବସ୍ଥା କରାଯିବ। ସ୍କୁଲଗୁଡ଼ିକରେ ଶ୍ରେଣୀରେ ଶିକ୍ଷକମାନେ ପରୀକ୍ଷା ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ମାଧ୍ୟମରେ ପିଲାଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ସହ ଯେଉଁ ଅଭିଭାବକମାନେ ଚାହିଁବେ ସେମାନେ କୋଶ୍ଚିନ୍ ବ୍ୟାଙ୍କ୍‌ରୁ ସେମାନଙ୍କ ପିଲାଙ୍କ ସବୁ ବିଷୟର ସମ୍ଭାବ୍ୟ ପ୍ରଶ୍ନପତ୍ର ଡାଉନ୍‌ଲୋଡ କରିପାରିବେ। ପ୍ରତି ୨ବର୍ଷରେ ଏହି ପ୍ରଶ୍ନପତ୍ରରେ ପରିବର୍ତ୍ତନ କରାଯିବ। ପିଲାଙ୍କ ମାନସିକତାକୁ ନଜର ଦେଇ ଏହି କୋଶ୍ଚିନ୍ ବ୍ୟାଙ୍କରେ ପ୍ରଶ୍ନପତ୍ର ରହିବ। ତେବେ ଏହି ବ୍ୟବସ୍ଥାରେ ଆବଶ୍ୟକସ୍ଥଳେ ଏସ୍‌ସିଇଆର୍‌ଟି, ରାମ୍‌ସା, ଓପେପାର ଅଧିକାରୀଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ପ୍ରତିବର୍ଷ ପିଲାଙ୍କ ପ୍ରତ୍ୟେକ ବିଷୟର ପୁସ୍ତକର ଶେଷରେ ୧୦୦ମାର୍କର ସମ୍ଭାବ୍ୟ ପ୍ରଶ୍ନପତ୍ର ରଖାଯିବାର ବ୍ୟବସ୍ଥା ମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି।

## ବକ୍ରବାଣୀ



ତଦନ୍ତ ରିପୋର୍ଟ ଲୁଚେଇ ଦେଇ
ବଇଚି ପେଟୁଆ ମଉନ ହେଇ
ବାଇଶ ଲଖିଅ ଖରଚ କରି
ଚାବି ଖୋଜିଲା ସେ ଚୋରଙ୍କୁ ଧରି
ପାନ ଗୁଟକାକୁ ନଜର ଦିଏ
ରତ୍ନ ଘର ଚାବି ଭୁଲଇ ସିଏ
ଅସଲ କଥାକୁ ଲୁଚାଏ କିଆଁ
ସତେ ଲାଗିଯିବ ରାଇଜେ ନିଆଁ
ଭେଳିକି ଦେଖାଏ କାଇଦା କରି
ଛାନିଆ ହଉଚି ଚୋରକୁ ଡରି।

——— ଟୁଟୁ

### ସ୍ୱଚ୍ଛ ହେବ ସାଧାରଣ ବଣ୍ଟନ ବ୍ୟବସ୍ଥା

# ଏଣିକି ଆଧାର ସଂଯୋଗ ନକଲେ ଚାଉଳ ବନ୍ଦ

**ଭୁବନେଶ୍ୱର :** ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ରାସନ କାର୍ଡରେ ଆଧାର ଲିଙ୍କ ନକଲେ ହିତାଧିକାରୀଙ୍କୁ ଆଉ ଚାଉଳ ମିଳିବ ନାହିଁ। ଅଗଷ୍ଟ ୩୧ ସୁଦ୍ଧା ରାସନ କାର୍ଡ ସହ ଆଧାର ଲିଙ୍କ କରିବାକୁ ହେବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିଷ୍ପତ୍ତି ନେଇଛି। ପୂର୍ବରୁ ଏହି ଡେଡ୍ ଲାଇନ୍ ଜୁଲାଇ ୩୧ ଥିଲା। ଏବେ ଅଗଷ୍ଟ ୩୧କୁ ସମୟସୀମା ଧାର୍ଯ୍ୟ କରି ବିଭାଗ ପକ୍ଷରୁ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି। ଏହାସହ ଦୁଇଟି ସ୍ଥାନରୁ ରାସନ କାର୍ଡ କରି ଚାଉଳ ଉଠାଉଥିବା ହିତାଧିକାରୀ ଆଉ ତାହା କରିପାରିବେନି। ଏନେଇ ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ୧ ଲକ୍ଷରୁ ଅଧିକ ହିତାଧିକାରୀ ଧରାପଡ଼ିଲେଣି। ଏହି ସଂଖ୍ୟା ଆହୁରୀ ବଢ଼ିପାରେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ୱିକାର କରିଛନ୍ତି । ୩୪ ଲକ୍ଷ ୫୨ ହଜାର ହିତାଧିକାରୀଙ୍କୁ ଆଧାର କାର୍ଡ ସହ ଯୋଡିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି। ପଞ୍ଚାୟତ ଓ ବ୍ଲକ ସ୍ତରରେ ଏଥିପାଇଁ ହିତାଧିକାରୀଙ୍କୁ ସଚେତନ କରିବାକୁ କୁହାଯାଇଛି। ସେପଟେ କିଛି ହିତାଧିକାରୀଙ୍କ ଆଧାର କାର୍ଡ ନଥିବାରୁ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବା ନେଇ ଆଶଙ୍କା କରାଯାଉଛି। ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ଚଳିତ ଆର୍ଥିକ ବର୍ଷ ୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପଡି କାର୍ଡ ପରିବର୍ତ୍ତନ ପାଇଁ ଅନୁଦାନ ଯୋଜନାରେ ଚଳିତ ଆର୍ଥିକ ବର୍ଷ



ନିମନ୍ତେ ୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ତେବେ ଯାଜପୁରରେ ଭୂତଚାଷୀ ମାତିଥିବା ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟବ୍ୟାପୀ ପଡିକାର୍ଡରେ ଆଧାର ସଂଯୋଗ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୯୬ ପ୍ରତିଶତ କାର୍ଡରେ ଆଧାର ସଂଯୋଗ ସରିଥିବା ବେଳେ, ଯାଜପୁରରେ ୧୭ ହଜାରରୁ ଅଧିକ ବେନାମୀ କାର୍ଡ ଜବତ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ଗତ ବିଧାନସଭା ଅଧିବେଶନରେ ସୂଚନା ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏବେ ସୁଦ୍ଧା ୩ କୋଟି ୨୩ ଲକ୍ଷ ୧୨ ହଜାର ସାମିଲ ହୋଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ରାଜ୍ୟର ଅନେକ ହିତାଧିକାରୀ ବାଦ ପଡୁଥିବା ଅଭିଯୋଗ କରି ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆଣିଥିଲେ। ଯେଉଁଥିରେ ଏବେ ସୁଦ୍ଧା ୨୪ ଲକ୍ଷ ୯୮ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଛି। ତେବେ ବିଡ଼ମ୍ବନା ହେଉଛି, ଅନେକ ହିତାଧିକାରୀଙ୍କ ମୃତ୍ୟୁ ପରେ ବି ସେମାନଙ୍କ ନାଁରେ ଚାଉଳ ଉଠାଯାଉଛି। ଖୋଦ ଖାଦ୍ୟ ସୁରକ୍ଷା କମିଶନ ଭୂତ ହିତାଧିକାରୀଙ୍କ ନା କାଟିବାକୁ ସରକାରଙ୍କୁ ଗତ ଜାନୁଆରୀ ମାସରେ ଚିଠି ଲେଖିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାସନ କାର୍ଡକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଏପିଏଲ, ବିପିଏଲ୍ ଓ ଅନ୍ତ୍ୟୋଦୟ କାର୍ଡ। ନିୟମ ଅନୁସାରେ ପରିବାରର ବାର୍ଷିକ ଆୟ ୧୫ ହଜାରରୁ କମ୍ ଥିଲେ ଏପିଏଲ ରାସନକାର୍ଡରେ ସାମିଲ ହୋଇପାରିବେ। ସେହିଭଳି ପରିବାରର ବାର୍ଷିକ ଆୟ ୧୦ ହଜାରରୁ କମ ହୋଇଥିଲେ ବିପିଏଲ ରାସନ କାର୍ଡ ଅନ୍ତର୍ଭୁକ୍ତ କରାଯିବ ଏବଂ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ଅନ୍ତ୍ୟୋଦୟ କାର୍ଡ ଉଦ୍ଦିଷ୍ଟ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଅଗଷ୍ଟ, ୨୦୧୯

# ସବୁଠି ଲଢ଼େଇର ଭୟ

**ବା**ହାରକୁ ଦିଶୁଥିବା ସୁରମ୍ୟ ପ୍ରାସାଦ, କଳା ମଚମଚ ପିଚୁ ସଡ଼କ, ଭିନ୍ନ ଭିନ୍ନ ଜାତିର ଫୁଲ, ଫଳ ଗଛର ସମ୍ଭାର ଭିତରେ ଆଶା, ଆସ୍ଥା, ବିଶ୍ୱାସ ଓ ଶାନ୍ତି ବିରାଜମାନ କରିଛି ବୋଲି ଯଦି ଆମେ ଚିନ୍ତା କରିବା ଏହା ଆଦୌ ଠିକ୍ ନୁହେଁ। ପ୍ରକୃତି ଦେଇଥିବା ବିଚିତ୍ର ସୌନ୍ଦର୍ଯ୍ୟକୁ ନଷ୍ଟ କରି ମାନବକୃତ ସୌନ୍ଦର୍ଯ୍ୟକରଣ ସାମୟିକ ଭାବେ ଶୋଭାମଣ୍ଡିତ କରୁଥିଲେ ବି ବାସ୍ତବରେ ଏହା ଜୀବଜଗତ ପ୍ରତି ଯେଉଭଳି ସହାୟକ ହେବା କଥା ତାହା ହୋଇପାରୁନାହିଁ। ଯେଉଁଥିପାଇଁ ମଣିଷ ମଣିଷ ଭିତରେ ଭେଦଭାବ ସୃଷ୍ଟି ହେଉଛି। ଏହି ଭେଦଭାବର ସ୍ୱରୂପ ଭୌଗଳିକ, ଐତିହାସିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣକୁ ମଧ୍ୟ କ୍ଷତି ପହଞ୍ଚାଉଛି। ବିଶ୍ୱର କେଉଁଠି ନା କେଉଁଠି ପ୍ରତ୍ୟେକ ଦିନ ରକ୍ତପାତ, ଗୁଳିଗୋଳା ବର୍ଷଣ ମାଧ୍ୟମରେ ଶାନ୍ତି ଭଙ୍ଗ ହେବା ସହିତ ମଣିଷ ସମାଜକୁ ଏକ ଚେତାବନୀ ଦେଇଚାଲିଛି। ସଠିକ୍ ଭାବେ ଏହାର କାରଣ ନିରୁପଣ କରିବା ଯଥେଷ୍ଟ ନହେଲେ ବି ପ୍ରତ୍ୟେକ ହିଂସାତ୍ମକ କାର୍ଯ୍ୟ ପଛରେ ମଣିଷ ମନର ଅହଂକାର ଓ ସ୍ୱାର୍ଥ ଜଡିତ ବୋଲି ଜାଣିବାକୁ ହେବ। କାରଣ ବର୍ତ୍ତମାନ ସମାଜରେ ନିଃସ୍ୱାର୍ଥପର ଭାବରେ କେହି କିଛି କରୁନାହାନ୍ତି। ପ୍ରତି କାର୍ଯ୍ୟ ପଛରେ ନିଜ ନିଜର ଅହଂକାର, ନିଜସ୍ୱ ପ୍ରସ୍ତୁତି ନକ୍ସାକୁ ଅନୁମୋଦନ କରିବା ନିମନ୍ତେ ଅହରହ ମାନସିକ ଯୁଦ୍ଧ ଜାରି ରହିଛି। ବିକାଶ ନାଁରେ କରାଯାଉଥିବା ଯୋଜନାର ପଶ୍ଚାତ ଭାଗରେ ବିଲୟ ହେଉଥିବା ପ୍ରକୃତିଦତ୍ତ ସମ୍ପଦ ସମ୍ପର୍କରେ କେହି ଅଧିକ ଚିନ୍ତା କରୁନାହାନ୍ତି। ଯେଉଁଥିପାଇଁ ପଶୁପକ୍ଷୀ ଓ ବୃକ୍ଷରାଜି ହ୍ରାସ ପାଇପାଇ ଚାଲିଛି। ଫଳସ୍ୱରୂପ ଷଡଋତୁର ଅନୁଭବକୁ ମଣିଷ ଠିକ୍ ଭାବେ ଜାଣିପାରୁନାହିଁ। ସତେଯେମିତି ଗ୍ରୀଷ୍ମ ହିଁ ଏକମାତ୍ର ଋତୁ ଓ ଅନ୍ୟ ଋତୁ ଗୁଡିକ ନିଜର ପରାକାଷ୍ଠା ହରାଇ ସାରିଛନ୍ତି ବୋଲି ଦେଖିବାକୁ ମିଳୁଛି। ଯେଉଁ କାରଣରୁ ହିମାଳୟ ଶିଖରରୁ ବରଫ ତରଳିବା ସହିତ ବର୍ଜ୍ୟବସ୍ତୁର ସମାଗମରେ ପ୍ରକୃତି ନିଜର ଅସଲ ସ୍ୱରୂପ ହରାଇବାକୁ ବସିଛି ତାହା ଚିନ୍ତାଜନକ। ବିଶ୍ୱ ସମୁଦାୟ ଯଦିଓ ଏ ସମ୍ପର୍କରେ ଅବଗତ ଅଛନ୍ତି ତଦନୁପାତରେ ନିରାକରଣ ପାଇଁ ବ୍ୟବସ୍ଥା ହୋଇପାରୁନାହିଁ। ପ୍ରକୃତିକୁ ରକ୍ଷା କରିବା ପାଇଁ ଯେତେଗୁଡିଏ ବ୍ୟବସ୍ଥା କରାଯିବ ସେଥିରେ ମାନବକୃତ ବିକାଶ ହ୍ରାସ ପାଇବ। ଏଭଳି ଆଶଙ୍କା ନେଇ ବିଜ୍ଞାନୀ ମଣିଷ ଯେଉଁ କାର୍ଯ୍ୟଧାରା ଓ ପ୍ରୟାସ ଜାରି ରଖିଛି ସେଥିରେ ପ୍ରକୃତି ଆଉ କେତେକାଳ ବଞ୍ଚି ରହିବ ତାହା ମଧ୍ୟ ସଂଶୟ ସୃଷ୍ଟି କଲାଣି। ଉନ୍ନତ ଓ ଔଦ୍ଧତ୍ୟର ଚରମ ସୋପାନରେ ପହଞ୍ଚିଥିବା ମଣିଷ ଆଖିରେ ଏବେ ପ୍ରକୃତି ଅପେକ୍ଷା ନିଜର ଭାବନା ଓ ଅହଂକାର ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମନେ କରୁଛନ୍ତି। ଯେଉଁଥିପାଇଁ ମଣିଷ-ମଣିଷ ଲଢ଼େଇ, ମଣିଷ-ପଶୁ ଲଢ଼େଇ ଓ ମଣିଷ-ପ୍ରକୃତି ଲଢ଼େଇ ଏକ ଭୟାନକ ମୋଡରେ ପହଞ୍ଚି ଯାଇଛି। ବନ୍ୟ ସମ୍ପଦ ହ୍ରାସ ସହିତ ବନ୍ୟ ପ୍ରାଣୀ ଲୋପ ପାଇବା ମାନବ ସମାଜ ପାଇଁ ଏକ ବଡ ଆହ୍ୱାନ। କାରଣ ପଶୁପକ୍ଷୀ ଓ ଜଙ୍ଗଲ ସମ୍ପଦ ନ ରହିଲେ ପ୍ରକୃତି ନିଜର ମତି ବଦଳାଇବା ଏକ ସ୍ୱାଭାବିକ ପ୍ରକ୍ରିୟା। ମାଟି ଉପରେ ଓ ମାଟି ତଳେ ମଣିଷ ଅବିଚାରିତ ଭାବେ ଚଳାଇଥିବା କାର୍ଯ୍ୟପନ୍ଥା ଭବିଷ୍ୟତକୁ ଧ୍ୱଂସ ଆଡକୁ ଟାଣି ନେଉଛି। ବାଘ, ସିଂହ ଓ ହସ୍ତୀ ଭଳି ବହୁ ଅମୂଲ୍ୟ ପ୍ରାଣୀ ଦିନକୁ ଦିନ ଲୋପ ପାଇବାରେ ଲାଗିଛନ୍ତି। ଏପରିକି ପ୍ରକୃତିକୁ ସୁରକ୍ଷା ଦେଉଥିବା ଶାଗୁଣା ପଲ ଆଉ ଆଗଭଳି ଦେଖାଯାଉ ନାହାନ୍ତି। ସମୁଦ୍ର ଗର୍ଭ ପୋତି ହୋଇପଡିବା ଫଳରେ ଜଳସ୍ତର ଉପରକୁ ବୃଦ୍ଧି ପାଇ ସ୍ଥଳ ଭାଗକୁ କବଳିତ କରିବା ପାଇଁ ଆଁ ମେଲାଇ ମାଡି ଆସୁଛି। ଠିକ୍ ସମାନ ଭାବେ ନଦ-ନଦୀ ଗୁଡିକ ପୋତିହେବା ଫଳରେ ଜଳଧାରଣ କ୍ଷମତା ହରାଇ ବସିଛନ୍ତି। ଆମେ କିନ୍ତୁ ବିକାଶ ନାଁରେ ବିଭିନ୍ନ ନଦୀବନ୍ଧ ତିଆରି କରି ପାଣିକୁ ଅଟକ ରଖି ନିଜର ବ୍ୟବହାରରେ ଲଗାଇବା ଫଳରେ ଉପର ମୁଣ୍ଡର ପାଣି ତଳ ମୁଣ୍ଡରେ ପହଞ୍ଚି ପାରୁନାହିଁ। ହୁଏତ କହିପାରିବା ବିକାଶ ପାଇଁ ଏହାର ଆବଶ୍ୟକତା ରହିଛି। ହେଲେ ଆମକୁ ଚିନ୍ତା କରିବାକୁ ପଡିବ ଯେ, ଏଯେଉଁ ନଦୀ ଓ ଝରଣା ପ୍ରବାହିତ ହେଉଛି ଏହା ପ୍ରକୃତିର ଦାନ। ଏହାକୁ ଅଟକ ରଖି ଗୋଟିଏ ଅଞ୍ଚଳର ବିକାଶ ସମ୍ଭବ ହେଉଥିଲେ ବି ଅନ୍ୟ ଅଞ୍ଚଳର ବିନାଶ ହେଉଛି ବୋଲି ଭାବିବାକୁ ପଡିବ। ଉଭୟ ଦିଗକୁ ମଣିଷ ଗୁରୁତ୍ୱ ନ ଦେଇ ଯେତେଦିନ ପର୍ଯ୍ୟନ୍ତ ନିଜ ଇଚ୍ଛାକୁ କାର୍ଯ୍ୟକାରୀ କରିଚାଲିଥିବ ପ୍ରକୃତି ସେତିକି ସେତିକି ନିଜର ସତ୍ତା ହରାଇ ବସିବ।

ଭୌଗଳିକ ଦୃଷ୍ଟିକୋଣରୁ ବିଚାର କଲେ ଆମେ ପ୍ରତିନିୟତ ଭୂ-ଭାଗକୁ ଭାଗ କରିବା ପାଇଁ ନିଜ ନିଜ ଭିତରେ ଲଢ଼େଇ କରୁଛେ। କିନ୍ତୁ ଏହି ଭୂ-ଭାଗର ସୁରକ୍ଷା ଓ ଭୂ-ସ୍ଖଳନ ରୋକିବା ପାଇଁ ସେଭଳି କିଛି ପଦକ୍ଷେପ ନେଉନାହେଁ। ଯେଉଁଥିପାଇଁ ଭୂ-ଭାଗର ମାଟି ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ସହଜରେ ଖସିଯାଉଛି। ଜଳବାୟୁର ପରିବର୍ତ୍ତନ ଫଳରେ ବିଶ୍ୱ ତାପନ ବୃଦ୍ଧି ପାଇ ମଣିଷକୁ ବାରମ୍ବାର ଚେତାବନୀ ଦେଇଚାଲିଛି ଯେ, ପ୍ରକୃତିର ସୁରକ୍ଷା କର। ବିଭିନ୍ନ ଭାବରେ ଏହାର ସୁରକ୍ଷାର ଆବଶ୍ୟକତା ଥିଲେ ବି ବୃକ୍ଷରୋପଣ ଯେ ଏହି ସୁରକ୍ଷାର ଏକ ବଡ ଅଂଶ ତାହାକୁ ଗ୍ରହଣ କରିବାକୁ ପଡିବ। ତଦନୁସାରେ ବିକାଶର ଏଜେଣ୍ଡାରେ ଅଧିକରୁ ଅଧିକ ବୃକ୍ଷରୋପଣକୁ ଗୁରୁତ୍ୱ ଦେବାକୁ ପଡିବ। ମାନବକୃତ ଗ୍ରହ, ଉପଗ୍ରହ ପ୍ରେରଣ ଦ୍ୱାରା ମାନବ ସଭ୍ୟତା ପ୍ରତି କେଉଁ କେଉଁ ବିପଦ ରହିଛି ସେ ଦିଗ ପ୍ରତି ଯଥେଷ୍ଟ ଗୁରୁତ୍ୱ ନଦେଲେ ଚନ୍ଦ୍ରକୁ ଛୁଇଁବାର ନିଶା ଦିନେନା ଦିନେ ଘାତକ ସାବ୍ୟସ୍ତ ହେବ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ପ୍ରକୃତିର ସୁରକ୍ଷାରେ ଧର୍ମର ଗୁରୁତ୍ୱକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ। ବୃକ୍ଷକୁ ଦେବତା ଭାବେ ବିଚାର କରାଯାଇ ଏହାର ସେବା ଓ ସୁରକ୍ଷାର ଦାୟିତ୍ୱ ଦିନେ ଏହି ମଣିଷ ହାତରେ ଥିଲା। କିନ୍ତୁ ସଭ୍ୟତାର ଆଢୁଆଳରେ ବୃକ୍ଷ ଦେବତାଙ୍କୁ ପୂଜା କରିବାରେ ଯେଉଁ ଭଟ୍ଟା ପଡିଲା ତାହାର ଫଳସ୍ୱରୂପ ମନଇଚ୍ଛା ଜଙ୍ଗଲ କଟା ଚାଲିଛି। ଧାର୍ମିକ ବିଚାରରେ ପୁନର୍ବାର ବୃକ୍ଷର ସୁରକ୍ଷା ପାଇଁ ପରାମର୍ଶ ଦେବାର ସମୟ ଆଗତ ପ୍ରାୟ। ବିଦ୍ୱେଷ ବଦଳରେ ଭାଇଚାରା ପ୍ରତିଷ୍ଠା କରି ସମ୍ପର୍କକୁ ସୁଦୃଢ଼ କରିବା ମାନବ ସମାଜର ଲକ୍ଷ୍ୟ ନହେବା ପର୍ଯ୍ୟନ୍ତ ଏହି ଲଢ଼େଇରେ ବିରାମ ଲାଗିବ ନାହିଁ। ତେଣୁ ସାମ୍ପ୍ରତିକ ସମୟରେ ପରିବେଶ ଓ ପରିସ୍ଥିତିକୁ ଉପଯୁକ୍ତ ଭାବେ ତର୍ଜମା କରି ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ଏହାର ନିରାକରଣ ପ୍ରତି ଆସ୍ଥାଭାଜନ ହେବାକୁ ପଡିବ। ନଚେତ୍ ଦିନ ଆସିବ ମଣିଷ ବିକାଶ ନାମକ ଛବିଟିକୁ ଗଳାରେ ଗଳାଇ ବାଟ ଚାଲୁଥିବ ସିନା ଅସଲ ବିକାଶ କିନ୍ତୁ 'ବୁଭୁକ୍ଷୁ କିଂ ନକରୋତି ପାପ' ଭଳି ସବୁ ଅପକର୍ମ ସାମ୍ନାକୁ ନେଇଆସିବ। ସମ୍ବେଦନାହୀନ ମଣିଷ ପାଇଁ ପ୍ରକୃତି କୌଣସି ସମ୍ବେଦନା ଦେଖାଇବା ଉଚିତ ମଣୁନଥିବ ଓ ପଶୁ-ମଣିଷ ଭିତରେ ଏଭଳି ଲଢ଼େଇ ହେବ ଯେ ମଣିଷ ବାଧରେ ବଞ୍ଚିବା ପାଇଁ ତ୍ରାହି ତ୍ରାହି ଡାକିବ। ଏବେ ବି ସମୟ ଅଛି। ଏବେଠାରୁ ପ୍ରତ୍ୟେକ ଲୋକ ପ୍ରତ୍ୟେକ ଲୋକ ଭିତରେ ବଞ୍ଚିବାର ପ୍ରେରଣା ବାଣ୍ଟିବା ସହିତ ପ୍ରାକୃତିକ ସମ୍ପଦର ଜଗାରଖା କରିବାରେ ଅଧିକ ମନୋନିବେଶ କରିବା ଦରକାର। ନଚେତ୍ ଧ୍ୱଂସ ହିଁ ଧ୍ୱଂସ।

ସମ୍ବାଦକାନ୍ତି



ତାରକ ମହାନ୍ତି

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଓଡିଶାର ପ୍ରଥମ ବାଚସ୍ପତି



ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ। ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାର୍ବର୍ତୀପୁର। ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି। ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ। ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି। ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ। ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ। ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ। ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ।

ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତ୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତ୍ତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ। ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ। ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ। ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ। ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି। ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ। ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ। ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ -"ତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ। ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ"।" ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି " ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ। ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ।

ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ। ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ। ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହେଯାଗୀ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍। ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ। ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ।

ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ। ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା। ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ। ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ। ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ,ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ। କିନ୍ତୁ ମୁକୁନ୍ଦ ପ୍ରସାଦମାଜିଷ୍ଟ୍ରେଟଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ "ଭାରତଛାଡ" ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ। ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ। ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ। ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା। ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା। ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା। ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା। ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା। ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ।

୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ। କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ। ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ। ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ।

ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ। ଏହି ନିଷ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ।

*ପାରାଦୀପଗଡ,କୁଜଙ୍ଗ,ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# ସମାଲୋଚନା



ଡକ୍ଟର ବାସୁଦେବ ମିଶ୍ର

ଆମ ଦୋଷତ୍ରୁଟିଗୁଡିକ ଆମ ନିଜ ଆଖିରେ ଧରା ଦିଅନ୍ତିନାହିଁ । ଯେତେ ଖୋଜୁଥିଲେ ବି ଆଖିରୁ କେତେବେଳେ ଚୁଟକିନା ଖସିଯାଆନ୍ତି । କବିତାଟିଏ ଲେଖିବା ପରେ ତାର ଦୋଷ ଦୁର୍ଗୁଣ ଭୁଲଭ୍ରାନ୍ତି କେଉଁଠି ରହିଲା, ଯେତେଥର ପଢିଲେ ବି ଜାଣିହୁଏ ନାହିଁ । ସମାଲୋଚକ ବନ୍ଧୁଙ୍କୁ ପଢିବାକୁ ଦିଅ । ତତ୍‌କ୍ଷଣାତ୍ ସେ ସେଗୁଡିକୁ ତୁମକୁ ଚିହ୍ନାଇଦେବେ । ତାପରେ ସେଗୁଡିକୁ ସୁଧାରିନେବା ସହଜ । ବାଲ୍ୟକାଳରେ ଯେଉଁ ଭୁଲଗୁଡିକୁ ଆମେ ଜାଣିପାରୁନା, ଆମର ପିତାମାତା, ଶିକ୍ଷକ ସେଗୁଡିକୁ ଆମକୁ ଅନାୟାସରେ ଚିହ୍ନାଇଦିଅନ୍ତି ଏବଂ ଠିକ୍‌କରି ଲେଖିବାରେ ସାହାଯ୍ୟ କରନ୍ତି । ସେଇ କଥାଟି ଚାଲିଥାଏ ଜୀବନସାରା । ଜୀବନସାରା କେଉଁଠି ନା କେଉଁଠି କୌଣସିପ୍ରକାର ଭୁଲ ହେଉଥାଏ ଏବଂ ତାକୁ ସଜାଡି ନ ପାରିଲେ ଜୀବନ ସେମିତି ଅସଜଡା ହୋଇ ରହିଯାଏ। ସମୟକ୍ରମେ ପିତାମାତା, ଶିକ୍ଷକଙ୍କର ବାଟ ସରିଯାଏ । ଆଉ ଭୁଲକୁ ସୁଧାରିବ କିଏ ? ସନ୍ଥଟି ସହିତ ଭେଟହୁଏ । ସେ ଜୀବନର କିଛି ସମସ୍ୟା ସମାଧାନ କରିଦିଅନ୍ତି । ଜୀବନରେ ସନ୍ଥର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସନ୍ଥ ସର୍ବଦା ନିରପେକ୍ଷ ଭାବରେ ନିର୍ଣ୍ଣୟ ଦିଅନ୍ତି । ଶାସ୍ତ୍ରପୁରାଣର ଏ କ୍ଷେତ୍ରରେ ଭୂମିକା କମ୍ ନୁହେଁ । ସନ୍ଥପରି ଏମାନେ ମଧ୍ୟ ଦିଗଦର୍ଶନ ଦେବାରେ ଅବହେଳା କରନ୍ତି ନାହିଁ । ତେବେ ପାଦ ସହିତ ପାଦ ମିଶେଇ ଜୀବନର କଣ୍ଟକମୟ ପଥରେ ଚାଲୁଥିବା ବାଟୋଇଟିପାଇଁ ଭଲ ବନ୍ଧୁଟିଏ ଯାହା କରେ, ଆଉ ଏପରି କେହି କରି ପାରନ୍ତିନି । ଭଲ ବନ୍ଧୁଟିଏ ଜଣେ ପରାମର୍ଶଦାତାର କାମ କରେ ଯେମିତି, ଜଣେ ସମାଲୋଚକର କାମ ମଧ୍ୟ କରେ ସେମିତି । ଭୁଲ୍ ବାଟଟିକୁ ଚିହ୍ନେଇ ଦିଏ । ତାପରେ ଆମ ପକ୍ଷରେ ଠିକ୍ ବାଟକୁ ଫେରି ଆସିବା ସହଜ ହୋଇଯାଏ ।

ନିଜର ଭୁଲକୁ ଚିହ୍ନିବାରେ ନିଜର ସ୍ୱାର୍ଥ ଯେମିତି ବାଟ ଓଗାଳି ଛିଡାହୁଏ, ନିତାନ୍ତ ଭଲପାଇବା ସେମିତି ଆଖିରେ ଅନ୍ଧପୁଟୁଳିଟିଏ ବାନ୍ଧିଦିଏ । ମା ଆଖିରେ ପିଲାର ଦୋଷ ଦୁର୍ଗୁଣ କିଛି ଧରାପଡେ ନାହିଁ । ପିଲା ଯେତେ ଦୋଷ କଲେ ବି ମା ତାର ତରଫଦାରି କରି ଆବଶ୍ୟକ ହେଲେ ଅଣ୍ଟାରେ କାନି ଭିଡିବାକୁ ପଛାଏ ନାହିଁ । ହେଲେ ପିଲାର ଦୋଷ ଦୁର୍ବଳତା ତାଦ୍ୱାରା ବଢେ ସିନା କମେ ନାହିଁ । ଫଳରେ ପରିସ୍ଥିତି ଦିନେ ଏପରି ହୁଏ, ଯାହା ସମ୍ଭାଳିବା କଷ୍ଟକର ହୋଇପଡେ । ସ୍କୁଲରେ ପାଠ ପଢୁଥିବା ଛୋଟ ପିଲାଟିକୁ ସାମାନ୍ୟ ଖଡିଟିଏ ଚୋରି କରିବାପରେ ଯଦି ତାକୁ ଉତ୍ସାହିତ କରାଯାଏ, ତେବେ ତାପରେ ସେ କଲମଟିଏ ଚୋରି କରିବ ନିଶ୍ଚୟ ଏବଂ ବୟସ ବଢିବା ସଙ୍ଗେ ସଙ୍ଗେ ଚୋରିକରିବାଟାକୁ ସେ ତାର ଜୀବିକାରେ ପରିଣତ କରିବ ଏବଂ ତାର ପ୍ରବୃତ୍ତି ବଢି ବଢି ଶେଷରେ ଏକ ଆନ୍ତର୍ଜାତୀୟ ଖଣ୍ଟରେ ପରିଣତ ହେବାର ସମ୍ଭାବନା ରହିବ । ସେଥିପାଇଁ ସଚେତନ ମା'ବାପାମାନେ ଏସବୁ ପ୍ରତି ସତର୍କ ଦୃଷ୍ଟି ରଖି ପିଲାର କେଉଁଠି ଦୋଷତ୍ରୁଟି ରହୁଛି ତାକୁ ଜାଣି ସ୍ନେହର ସହିତ ତାକୁ ବୁଝାଇଦିଅନ୍ତି ଏବଂ ଏପରି ଭୁଲ ଆଉ ନ କରିବାକୁ ପରାମର୍ଶ ଦିଅନ୍ତି ।

ସଂସାରରେ ଏପରି ମଣିଷ କେହି ନାହିଁ, ଯାହାର କେବେ କିଛି ଭୁଲ ହୁଏନାହିଁ । ମନୁଷ୍ୟ ଭୁଲ କରେ ଏବଂ ସେହି ଭୁଲକୁ ସୁଧାରିବାପାଇଁ ଚେଷ୍ଟା କରେ ବୋଲି ତ ବିଭିନ୍ନ ଶାସ୍ତ୍ରପୁରାଣ, ବେଦବେଦାନ୍ତ, ନୀତିବାକ୍ୟ ସବୁ ରଚନା କରାଯାଇଛି । ଏ ସମସ୍ତ ହେଲା ମନୁଷ୍ୟତାର ସାରଣୀ । ମନୁଷ୍ୟକୁ ଠିକ୍ ବାଟଟିକୁ ଦେଖାଇଦେବା ପାଇଁ, ଦିଗ ନିର୍ଣ୍ଣୟ କରିବାପାଇଁ ଏ ସବୁର ସୃଷ୍ଟି । ଏହି ଶାସ୍ତ୍ରମାନଙ୍କର ଆଧାରରେ ମନୁଷ୍ୟ ଯେପରି ଏକ ଉତ୍ତମ ଜୀବନ ଯାପନ କରିପାରିବ, ସେଥିନିମନ୍ତେ ଏକ ପ୍ରଶସ୍ତ ମାର୍ଗ ନିର୍ମାଣ କରାଯାଇଛି । ମନୁଷ୍ୟଭିନ୍ନ କୌଣସି ପ୍ରାଣୀନିମିତ୍ତ ଏପରି ବ୍ୟବସ୍ଥା ଉପଲବ୍ଧ ନୁହେଁ କିମ୍ବା କୌଣସି ପ୍ରାଣୀ ଏପରି ବ୍ୟବସ୍ଥା ସୃଷ୍ଟି କରିବାପାଇଁ ସକ୍ଷମ ନୁହଁନ୍ତି । କେବଳ ମନୁଷ୍ୟ ନୁହେଁ, ପ୍ରତ୍ୟେକ ପ୍ରାଣୀ କିଛି ନା କିଛି ଭୁଲ ନିଶ୍ଚୟ କରନ୍ତି, ତେବେ ମନୁଷ୍ୟ ପରି ସେଥିରୁ ଅଭିଜ୍ଞତା ଅର୍ଜନ କରି କିଛିଶିକ୍ଷା କରିବାର ପ୍ରବୃତ୍ତି ସେମାନଙ୍କର ନଥାଏ କିମ୍ବା ଅଭିଜ୍ଞତାକୁ ସାଇତି ରଖି ପରବର୍ତ୍ତୀ ପୀଢିକୁ ଦେବାର କିଛି ସୁବିଧା ନଥାଏ । କିଛି ଲୋକଙ୍କର ଧାରଣା ସେମାନେ ଯାହା କହନ୍ତି ଅବା କରନ୍ତି, ସବୁ ଠିକ୍ । ସାମାନ୍ୟ ମାତ୍ର ଭୁଲ୍ ସେଥିରେ ନାହିଁ । ତହିଁରେ କିଛି ଭୁଲ୍ ଅଛି ବୋଲି କହିବା ଲୋକର ସେମାନେ ତତ୍‌କ୍ଷଣାତ୍ ଶତ୍ରୁ ବନିଯାଆନ୍ତି । ଏପରି ଲୋକମାନେ ପ୍ରତିପତ୍ତିଶାଳୀ ହୋଇଥିଲେ ସେମାନଙ୍କୁ ବାସ୍ତବରେ କେହି ସମାଲୋଚନା କରନ୍ତି ନାହିଁ । ବରଂ ପାଖକୁ କିଛି ଲୋକ ଲାଗିଆସନ୍ତି ସେମାନଙ୍କୁ ପ୍ରଶଂସା କରିବା ସହିତ । ଏହି ଶ୍ରେଣୀର ଲୋକେ ତ୍ରୁଟିକୁ ଯଥାର୍ଥ ବୋଲି କହି, ସ୍ୱରରେ ସ୍ୱର ମିଳାଇ ନିଜ ଫାଇଦା ହାସଲ କରିବାରେ ବ୍ୟସ୍ତ ରହନ୍ତି । ସେମାନଙ୍କୁ ତୋଷାମଦକାରୀ ବୋଲି କୁହାଯାଏ । ଏହି ଚାଟୁକାରମାନଙ୍କର ସ୍ୱର ଅତ୍ୟନ୍ତ କୋମଳ ହୋଇଥାଏ । ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ । କିନ୍ତୁ ଏହି କୋମଳତା ଏବଂ ନମ୍ରତା ଯେ କେବଳ ଏକ ଆବରଣୀ ମାତ୍ର, ଏ କଥା ସହଜରେ ଜଣାପଡେ ନାହିଁ । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ନ ଉପୁଜିବା ପର୍ଯ୍ୟନ୍ତ ସେମନେ ସେପରି ଆବରଣୀ ମଧ୍ୟରେ ରହି ତ୍ରୁଟିବିଚ୍ୟୁତିର ସମର୍ଥନ କରିବା ସହିତ ସ୍ୱାର୍ଥ ହାସଲ କରୁଥାନ୍ତି । ପ୍ରଶଂସାକାରୀ ମିତ୍ରର ଖୋଳପାରେ ଥିବା ଏହି ଚାଟୁକାରମାନେ ଯେ ପ୍ରକୃତରେ ମିତ୍ର ନୁହଁନ୍ତି, ଏମାନଙ୍କ ଯୋଗୁଁ ଯେ ଅଶେଷ କ୍ଷତି ସହିବାକୁ ହୁଏ, ପରିସ୍ଥିତି ନ ଅସିଲେ ତାର ଅନୁଭବ ଆସି ନ ଥାଏ। ଏପରି ନିରର୍ଥକ ଚାଟୁବାକ୍ୟ ଏବଂ ମିଥ୍ୟା ପ୍ରଶଂସାଠାରୁ ସମାଲୋଚନାର ସ୍ଥାନ ବହୁ ଉଚ୍ଚରେ । ଆମେ ଆମର ଦୋଷତ୍ରୁଟିଗୁଡିକ ପ୍ରତି ସତର୍କ ରହିବା ଉଚିତ । ସମୟକ୍ରମେ ସମାଲୋଚକ ବନ୍ଧୁଙ୍କର ସାହଚର୍ଯ୍ୟ ନେଇ ସେଗୁଡିକର ସମାଧାନ ତଥା ସଂଶୋଧନ କରିନେବା ବିଧେୟ । ପ୍ରକୃତରେ ଯାହାର ଗୁଣ ଥାଏ, ସାମାନ୍ୟ ଦୋଷପାଇଁ ମଧ୍ୟ ତାକୁ ସମାଲୋଚନାର ପାତ୍ର ହେବାକୁ ପଡିଥାଏ । କିନ୍ତୁ ଯେଉଁମାନଙ୍କର ଦୁର୍ଗୁଣ ଅନେକ, ସେମାନଙ୍କୁ କେହି ସମାଲୋଚନା କରନ୍ତି ନାହିଁ।

ଦୁଇଟି ଉଦ୍ଦେଶ୍ୟ ନେଇ ଦୁଇପ୍ରକାର ସମାଲୋଚନା କରାଯାଇଥାଏ। ଗୋଟିଏ ଗଠନମୂଳକ ହୋଇଥିବାବେଳେ ଅନ୍ୟଟି ଅସୂୟାଜନିତ ହୋଇଥାଏ । ଗଠନମୂଳକ ସମାଲୋଚନା କୌଣସି ବ୍ୟକ୍ତିର, ବସ୍ତୁର, ଅଥବା ସମାଜର ତ୍ରୁଟିପୂର୍ଣ୍ଣ ଦିଗପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ । ତ୍ରୁଟି ସଂଶୋଧନରେ ଏହାର ଯୋଗଦାନର ତୁଳନା ନାହିଁ । ବ୍ୟକ୍ତିଚରିତ୍ରରେ ପୂର୍ଣ୍ଣତା ଆଣିବା ଦିଗରେ ଏହା ଅମୂଲ୍ୟ, ଅତୁଳନୀୟ । ଅନ୍ୟପକ୍ଷରେ ଅନ୍ୟପ୍ରତି ଜାତ ହେଉଥିବା ଈର୍ଷ୍ୟା, ପରଶ୍ରୀକାତରତା, ଅସୂୟାପ୍ରଭୃତି ବଦଗୁଣଗୁଡିକ ସମାଲୋଚନାର ରୂପ ନେଇ ପ୍ରକାଶିତ ହୁଅନ୍ତି । ଅନ୍ୟର ସୁଖ ଦେଖି ମନରେ ଦୁଃଖ ଅନୁଭବ କରିବା, ପରର ଶ୍ରୀ(ସମ୍ପତ୍ତି) ଦେଖି କାତର ହେବା ଏସବୁ ଈର୍ଷ୍ୟାଳୁ ଲୋକଙ୍କର ଲକ୍ଷଣ ହୋଇଥାଏ । ଅନ୍ୟର ଅବନତି ଉଦ୍ଦେଶ୍ୟ ନେଇ ସେମାନେ ସେମାନଙ୍କର ବକ୍ତବ୍ୟ ଉପସ୍ଥାପନ କରନ୍ତି । ତାହା ସେମାନଙ୍କର ସ୍ୱଭାବ ହୋଇଥାଏ । ସେମାନଙ୍କ ମଧ୍ୟରୁ କେହି ସେମାନଙ୍କର ମନୋଭାବକୁ କଥାରେ ପ୍ରକାଶ ନ କରି ଅନ୍ୟପ୍ରକାର କ୍ଷତି ସାଧନରେ ଲାଗିଯାଆନ୍ତି ।

ସମାଲୋଚନାର ଅର୍ଥ କେବଳ ବିରୋଧ କରିବା ନୁହେଁ କି କେବଳ ଅନ୍ୟର ଖୁଣଗୁଡିକୁ ବାହାର କରି ପରଖିବା ନୁହେଁ । ସମାଲୋଚନାର ଅର୍ଥ ହେଲା ସମ୍+ଆଲୋଚନା ଅର୍ଥାତ୍ ସମ୍ୟକ୍ ଅଥବା ବିଷଦ ଆଲୋଚନା । ବିଷୟର ବିଭିନ୍ନ ଦିଗଗୁଡିକର ପୂର୍ଣ୍ଣ ପର୍ଯ୍ୟବେକ୍ଷଣ ସହିତ ଏକ ଗଠନମୂଳକ ମନୋଭାବ ନେଇ ବିଚାର କରିବା ଏବଂ ସେ ସମ୍ପର୍କରେ ଅନ୍ୟର ମତକୁ ଅପେକ୍ଷା କରିବା । ସାର୍ବଜନୀନ ଭାବରେ ଯାହା ସମୟୋଚିତ, ସମସ୍ତଙ୍କପାଇଁ ଉପକାରୀ, ତାହାକୁ ଗ୍ରହଣଯୋଗ୍ୟ କରିବା ସପକ୍ଷରେ ସମ୍ମତ ହେବା।

***ଦଶରଥପୁର, ଯାଜପୁର***
***ଦୂରଭାଷ: ୯୪୩୮୩୨୮୭୫୫***

# ସୀମାହୀନ



**ସୁରେନ୍ଦ୍ର ପାଣିଗ୍ରାହୀ**

**ତୁ**ମେ / ଏକ ଦୀର୍ଘଶ୍ୱାସ
ଦୁଃଖର ଦରିଆ ସେପାଖେ
ଛିଡ଼ା ହେଇ ଜହ୍ନରାତିକୁ ଜାଳିପୋଡି
ଦେଉଥିବା ମରୁଭୂମିର ମରୀଚିକା...
ତୁମେ, ଏକ ଅସମାପିକା ଦୁଃଖ
ମିଛ ମନର ମାୟାଗ୍ରସ୍ତ ପ୍ରହେଳିକାଟିଏ...
ତୁମେ
ବାଲିରେ ପୋତି ହେଇ ଯାଇଥିବା
ଏକ ପାଉଁଜିର ଶୂନ୍‌ଶାନ୍ ଶବ୍ଦ
ରାତିର ନୀରବ ଘନ ଅନ୍ଧାରରେ
ମୁଁ କୁହାଟି ଛାଡୁଥିବା ମୂକ ଚକ୍ରବାକ
ତୁମେ ପାତି ଦେଇଥିବା ତୁମର ବଧିର -
ଶ୍ରବଣ ସାମ୍ନାରେ ମୁଁ ନିରନ୍ତର ଢୋଲ ପିଟି ଚାଲିଥିବା
ଅବୋଧ ବାଳକଟିଏ କେବଳ...

ତୁମେ
ନିଜକୁ ଲୁହା ପଞ୍ଜୁରିର ଶିକୁଳି ଭିତରୁ
ନିଜକୁ ମୁକୁଳେଇବାକୁ ଚେଷ୍ଟା କରୁଥିବା
ବାଆଁରା ପକ୍ଷୀଟିଏ...
ଆଉ କେବେ ମିଛ ଓ ପ୍ରହେଳିକାର ପସରା ଧରି / ଏକ ବୁଭୁକ୍ଷିତ-
ସମୟର ଗହଳି ଭିତରେ ନିଜକୁ
ମୂଲେଇ ଚାଲିଥିବା ବିମୁଗ୍ଧ ବିପଣିଟିଏ...
ମୁଁ ...
ଏକ ପରାହତ ସମୟର ଡେଣାହୀନ ସଂପାତି ଭଳି
ବସି ରହିଚି କୂଳ କିନାରା ନପାଇ
ଦୁଃଖର ଦରିଆ କୂଳରେ...
ନିର୍ନିମେଷ ନୟନରେ ନିରେଖି ଚାଲିଚି
ପୃଥିବୀର ଶେଷ ସୀମାର ଚକ୍ରବାଳରୁ
ଉଇଁ ଆସୁଥିବା ଏକ ପୁଲକିତ
ସୂର୍ଯ୍ୟୋଦୟକୁ...
ମୁଁ
କେବଳ ବାରମ୍ବାର ନିଜକୁ ନିଜଠାରୁ
କରିବାକୁ ଚାହୁଁଥିବା ଏକ ଅଢ଼େଇ
ଅକ୍ଷରର ମାୟା ...
ନିଜର ଅନ୍ତରାତ୍ମାକୁ ବିନଷ୍ଟ କରି ଚାଲିଥିବା ଓ
ସମୟର କଳାକୀଟ ସହ ଲଢ଼ି ଚାଲିଥିବା ଦୀର୍ଘ-
ଏକ ଉଜୁଡା ଅତୀତର ଛାଇ...
ତୁମେ ଶବ୍ଦରୁ ବିଚ୍ୟୁତ୍ ହେଇଯାଇଥିବା ଏକ 'ଅର୍ଥ'
'ପ୍ରତୀକ୍ଷାକ୍ଷ ଓ 'ପ୍ରେମର' ଦୋଛକି ମୋଡ଼ରେ
ଛିଡ଼ା ହେଇ ଏକ ଅସରନ୍ତି ଗୀତ ଗାଇ ଚାଲିଥିବା
ଅନାମିକା ଦୁଃଖର ଅସୁମାରି ସ୍ମୃତିର ପସରାଟିଏ
କେବଳ...

***ବରି, ସିମୁଳିଆ, ବାଲେଶ୍ୱର***

# ସେଇ ଦିନରୁ ଫର୍ଦ୍ଦେ



**ଲିପ୍ସା ପଟେଲ**

**ଚ**ନ୍ଦ୍ରିକା ପୁଅର ସ୍କୁଲ ବ୍ୟାଗ ସଜାଡ଼ିଲା ବେଳେ ପାଇଲା କିଛି କାଗଜ, ଯେଉଁଥିରେ ଲେଖାଥିଲା ମୋଷ୍ଟ ଟକେଟିଭ, ଭେରି ନଟି... ଏମିତି ଚାରିଟି ଫର୍ଦ୍ଦ। ପୁଅକୁ ପଚାରିବାରୁ କହିଲା, ତା'କୁ ତା' ଶ୍ରେଣୀ ଶିକ୍ଷକ କହିଛନ୍ତି ଏମିତି ଲେଖି ସପ୍ତାହନ୍ତରେ ଦେବା ପାଇଁ। ସେ ହେଉଛି ମନିଟର। ପୁଅର ଏଇ କିଛି ଫର୍ଦ୍ଦ ଚନ୍ଦ୍ରିକାକୁ ଖୁବ୍ ଅନ୍ୟମନସ୍କ କରିଦେଲା। ଯେତେବେଳେ ଦଶମ ଶ୍ରେଣୀରେ ଥିଲା, ଏମିତି କିଛି ଲେଖା ପାଇଁ ନିଲୁ ତା ସାର୍‌ଙ୍କ ଠାରୁ କେତେ ମାଡ଼ ଖାଇଥିଲା। ତା' ଖାତା ପଛରେ ଲେଖାଥିଲା, ଚନ୍ଦ୍ରିକା... ଦି ମୋଷ୍ଟ ବ୍ୟୁଟିଫୁଲ୍ ଗାର୍ଲ; ନିଲୁ... ଦି ମୋଷ୍ଟ ହ୍ୟାଣ୍ଡସମ୍ ବୟ। କେମିତି ସାର୍‌ଙ୍କ ନଜର ପଡିଗଲା ଓ ସେ ତା' ପିଠି, ଗାଲ ସବୁ ଲାଲ୍ କରିଦେଲେ। କାହିଁକି ନିଲୁ ଏମିତି ଲେଖିଥିଲା ସେ କଥା ଚନ୍ଦ୍ରିକା ତା'କୁ ସେଇକ୍ଷଣି ପଚାରି ପାରିନଥିଲା। ତଥାପି ଏକ ଅଦ୍ଭୁତ ଶିହରଣରେ ପୁଲକିତ ଥିଲା ତା' ମନ; ତତ୍ ସଙ୍ଗେ ସଙ୍ଗେ ନିଲୁର ମୁହଁ ଓ ଗାଲକୁ ଦେଖି ଦୁଃଖି ମଧ୍ୟ ହୋଇଗଲା।

ସ୍କୁଲରୁ ଫେରି ସେ ଦର୍ପଣ ସାମ୍ନାରେ ଅନେକ ବେଳ ଦେଖିଲା ନିଜକୁ। ସତେଯେମିତି ସେ ପ୍ରଥମକରି ଆଇନା ସାମ୍ନାରେ ଛିଡ଼ା ହୋଇଛି। କାହିଁକି ତା'କୁ ଆଜି ସବୁକିଛି ଅଲଗା ଅଲଗା ଲାଗୁଥିଲା? ସେ ସତରେ କେତେ ବଡ଼ ହୋଇଗଲାଣି। ସୁନ୍ଦରୀ କି ନାଇଁ ନିଜେ ବିଚାର କରିପାରୁନଥିଲା। ତଥାପି ନିଲୁ ଆଖିରେ ସେ ସବୁଠାରୁ ସୁନ୍ଦରୀ ବୋଲି ବିବେଚିତ ହୋଇଛି। ଅନ୍ୟ କେହି ତ ତା'କୁ କେବେ ଏମିତି କହିନଥିଲେ, ତେବେ ନିଲୁ କାହିଁକି ଲେଖିଥିଲା? ସେ କ'ଣ ତା'କୁ ଭଲ ପାଏ? ଏ ପ୍ରଶ୍ନର ଉତ୍ତର ସିଧା ସଳଖ ସେ ନିଲୁକୁ ପଚାରି ପାରିବନି।

ପରଦିନ ସ୍କୁଲର ଲାଇବ୍ରେରୀ ପିରିୟଡରେ ଚନ୍ଦ୍ରିକା ଗୋଟିଏ ଉପନ୍ୟାସ ଅଣ୍ଡାଳିଲା। ତା' ପ୍ରିୟ ଲେଖକଙ୍କ ଉପନ୍ୟାସ। ଏଇ ବୟସରେ କ'ଣ ଏସବୁ ପଢ଼ିବାକୁ ମନ ହୁଏ? ତା' କଥା ଶୁଣି ତା'ସାଙ୍ଗ ରିମା ହସିଲା। ତା'କୁ ତ ପଢ଼ାପଢ଼ି ପସନ୍ଦ ନୁହେଁ। ମୁଣ୍ଡ ତା'ର କୁଆଡେ ଭାରି ଭାରି ଲାଗେ। ଚନ୍ଦ୍ରିକା ଉପନ୍ୟାସଟି ପଢ଼ିଲା। ପ୍ରେମ ତ ଦେହ, ରୂପ, ରଙ୍ଗଠାରୁ ଖୁବ୍ ଉର୍ଦ୍ଧ୍ୱରେ... ତେବେ ଏଇ ପ୍ରେମ କ'ଣ? ପଚାରିଦେବ କି ନିଲୁକୁ? ଧେତ୍, ସେ କ'ଣ ଭାବିବ। ପୁଣି କ'ଣ ସବୁ ଯୋଡି ଚର୍ଚ୍ଚା କରିବ ଯଦି ଅଯଥାରେ ସେ ବଦ୍‌ନାମ ହୋଇଯିବ।

ସ୍କୁଲରେ କେବେ ନିଲୁ ତା'ର ବାଟ ଓଗାଳି କଥା ପଦେ ହେବା ପାଇଁ ମଧ୍ୟ ଚେଷ୍ଟା କରି ନଥିଲା। ଯିବା ଆସିବା ବାଟରେ ଓ ଶ୍ରେଣୀ ଗୃହରେ ଯାହା ଦେଖା। ଚନ୍ଦ୍ରିକା ପାଠପଢ଼ାରେ ଆଗୁଆ ଥିଲା। ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିଲା। ତେଣୁ ତା'ର ଉପସ୍ଥାନ କ୍ରମ ମଧ୍ୟ ୧ ଓ ବସୁଥିଲା ପ୍ରଥମ ବେଞ୍ଚରେ। ନିଲୁ ବସୁଥିଲା ପୁଅ ପିଲାଙ୍କ ପଟେ ଦ୍ୱିତୀୟ ବେଞ୍ଚରେ। ଚନ୍ଦ୍ରିକା କେବେ ପଛକୁ ଲେଉଟି ଦେଖୁ ନଥିଲା। ରିମା କେବେ କେବେ କହେ, ଦେଖ୍! ଚନ୍ଦ୍ରିକା, ତତେ ନିଲୁ ଅନେଇଛି। ମନେ ମନେ ଚନ୍ଦ୍ରିକା ଖୁସି ହେଉଥିଲା, ଯଦିଓ ଉପର ଠାଉରିଆ ରାଗ ଦେଖାଉଥିଲା। ଏବେ ସେ ଗୀତ ଶୁଣୁଥିଲା, ରଙ୍ଗୀନ ବିନ୍ଦି ଲଗାଉଥିଲା, ପୂଜାରେ ସ୍କୁଲକୁ ସଜ ହୋଇ ଆସୁଥିଲା। ଦେଖିବାକୁ ଗଲେ ନିଜ ପ୍ରତି ବେଶୀ ଧ୍ୟାନ ଦେଉଥିଲା। ନିଜକୁ ବଶୀ ଭଲପାଇ ବସିଥିଲା।

ଦଶମ ପରୀକ୍ଷା ସରିଲା। ଫଳ ମଧ୍ୟ ବାହାରିଲା। ଚନ୍ଦ୍ରିକା ସାରା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା; କିନ୍ତୁ ନିଲୁ ତୃତୀୟ ଶ୍ରେଣୀରେ ପାସ୍ କରିଥିଲା। ଚନ୍ଦ୍ରିକାର ବାପାଙ୍କ ବଦଳି ହୋଇଯାଇଥିବାରୁ କଲେଜ୍ ସେ ଅନ୍ୟ ସ୍ଥାନରେ ପଢ଼ିବ ବୋଲି ସାରା ସ୍କୁଲରେ ଜାଣି ସାରିଥିଲେ। ଅତଏବ ନିଲୁ ମଧ୍ୟ ଜାଣିବା ସ୍ୱାଭାବିକ କଥା। ନିଜ ପରୀକ୍ଷା ଫଳକୁ ନେଇ ନିଲୁର ଅବଶୋଷ ନଥିଲା। ସାଙ୍ଗଙ୍କ ଗହଳିରେ କହୁଥିଲା, ବାପାଙ୍କ ହୋଟେଲରେ ବସିବି, କେଉଁ ଚାକିରି କରିବି ଯେ ଫାଷ୍ଟକ୍ଲାସ ଲୋଡ଼ା। ତେଣୁ ଚନ୍ଦ୍ରିକା ଯେଉଁ ଆଶ୍ୱାସନର ଦି'ପଦ କହି ବନ୍ଧୁତା କରିବ ଭାବିଥିଲା, ତାହା ମଧ୍ୟ ଆଉ ହେଲାନି। ଚନ୍ଦ୍ରିକାର ଯିବା ଦିନ ପାଖେଇ ଆସୁଥିଲା। ସ୍କୁଲରୁ ଏସ୍‌ଏଲ୍‌ସି ନେବାକୁ ଗଲାଦିନ ଯାହା ଦେଖା ସାକ୍ଷାତ ହୋଇଥିଲା ସମସ୍ତଙ୍କ ସହ। ଫେରିଲା ବେଳେ ଫାଟକ ପାଖରେ ଛିଡ଼ା ହୋଇଥିଲା ନିଲୁ।



ଚନ୍ଦ୍ରିକା ଠିକ୍ ଜାଣିପାରୁଥିଲା, ନିଲୁ କିଛି କହିବ; ମାତ୍ର ସେ କେବଳ ବଢ଼ାଇଦେଲା ଖଣ୍ଡେ କାଗଜ ଯେଉଁଥିରେ ଲେଖାଥିଲା, ଚନ୍ଦ୍ରିକା... ଦି ମୋଷ୍ଟ ବ୍ୟୁଟିଫୁଲ୍ ଗାର୍ଲ। ଚନ୍ଦ୍ରିକା କାଗଜକୁ ଭାଙ୍ଗକରି ଚିରିଦେଲା ଓ ଅନ୍ୟ ଫାଳରେ ଲେଖିଦେଲା... ନିଲୁ, ଦି ମୋଷ୍ଟ ହ୍ୟାଣ୍ଡସମ୍ ବୟ। ତଥାପି କେହି କାହା ସହିତ ପଦେ କଥା ହୋଇ ନଥିଲେ। ଦୁହିଁଙ୍କ ଆଖିରେ ଲୁହ କଥା କହୁଥିଲା। ନିଜ ନିଜର ଖଣ୍ଡେ ଖଣ୍ଡେ କାଗଜ ଧରି ଚାଲିଗଲେ ନିଜ ନିଜ ବାଟରେ। ସେହିଦିନଠାରୁ ଆଉ କେହି କାହା ସହ ଦେଖା ହୋଇନାହାନ୍ତି।

ବାହାଘର ପରେ ଚଉଠି ରାତିରେ ଯେତେବେଳେ ତୁଷାର କହିଲେ, ସେ ହିଁ ପୃଥିବୀର ସବୁଠାରୁ ସୁନ୍ଦରୀ ନାରୀ, ସେତେବେଳେ ହସିଦେଲା ଚନ୍ଦ୍ରିକା। ମନେ ମନେ ଭାବିଲା, ଏଇ ସୌନ୍ଦର୍ଯ୍ୟର ବିବେଚନା ତ କେବେଠାରୁ ନିଲୁ କରି ସାରିଥିଲା। ତା'ମାନେ କ'ଣ ନିଲୁ ଠିକ୍ କହିଥିଲା? ସେ ସତରେ ତା' ପ୍ରେମରେ ପଡିଯାଇଥିଲା। ଫାଙ୍କା ସମୟରେ ସେଇ ଖଣ୍ଡେ କାଗଜକୁ ଖୋଲି ଦେଖେ ଚନ୍ଦ୍ରିକା ଓ ସେଥିରେ ଝଲସିଯାଏ ନିଲୁର ମୁହଁ। ନିଲୁ... 'ଦି ମୋଷ୍ଟ ହ୍ୟାଣ୍ଡସମ୍ ବୟ।'

ଚନ୍ଦ୍ରିକାର ଭାବନାରେ ବିରତି ଦେଇ ପୁଅ ଡାକଦେଲା, ମମି ... ଶନିବାର ଦିନ ଆମର ପ୍ୟାରେଣ୍ଟ-ଟିଚର ମିଟିଂ। ଏଇ ନିଅ... କହି ବଢ଼ାଇ ଦେଲା ଖଣ୍ଡେ ନୋଟିସ୍।

ଅକ୍ଷର କିଏ ଲେଖିଛି ବାବା?

ଆମ ସାର୍... ନୂଆ ସାର୍ ଯିଏ ଆମ ଶ୍ରେଣୀ ଶିକ୍ଷକ।

ଓଃ! ଖୁବ୍ ସୁନ୍ଦର ଅକ୍ଷର।

ଶନିବାର ଦିନ ତୁଷାରଙ୍କ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେ ଯାଇପାରିଲେନି ସ୍କୁଲକୁ। ତେଣୁ ଚନ୍ଦ୍ରିକା ଏକୁଟିଆ ପୁଅକୁ ନେଇ ଗଲା।

ସ୍କୁଲରେ ଶ୍ରେଣୀ ଗୃହ ମଧ୍ୟରେ ପ୍ରବେଶ କଲା ବେଳେ ଆଖି ସାମ୍ନାରେ ଚନ୍ଦ୍ରିକାର ପରିଚିତ ଏକ ମୁହଁ। କେବଳ ବୟସର ଛାପ, ଚଷମା ଓ କିଛି ପାଚିଲା କେଶ... ତଥାପି ଚନ୍ଦ୍ରିକା ଚିହ୍ନି ପାରିଲା। ସାମ୍ନାରେ ଚୁପ୍‌ଚାପ୍ ଛିଡ଼ା ହେଲା। ଶିକ୍ଷକ ମଧ୍ୟ ଠିକ୍ ଚିହ୍ନପାରିଲେ ଚନ୍ଦ୍ରିକାକୁ ଯଦିଓ ଚନ୍ଦ୍ରିକାର ପୁଅ ନିଜ ମା'ର ପରିଚୟ କରାଇ ଦେଉଥିଲା।

ଚନ୍ଦ୍ରିକାର ମୁହଁରୁ ସ୍ୱତଃ ବାହାରି ଆସିଲା କିଛି ଶବ୍ଦ ... ନିଲୁ! ଆଶ୍ଚର୍ଯ୍ୟ ହୋଇ ସେ ଅପେକ୍ଷା କରିଥିଲା ନିଲୁଠାରୁ କିଛି ଶୁଣିବାକୁ। ଯେଉଁ ଟୋକା ବାପାର ହୋଟେଲ ଚଳେଇବ ବୋଲି ଭାବନା ରଖି ପାଠପଢ଼ାକୁ ଗୁରୁତ୍ୱ ଦେଉ ନଥିଲା ସେ ଆଜି ତା' ପୁଅର ଶିକ୍ଷକ। ଅନ୍ୟ ଦମ୍ପତିଙ୍କ ଭିଡ ଭିତରେ ବିଶେଷ କିଛି କଥାବାର୍ତ୍ତା କରିପାରି ନଥିଲେ ନିଲୁ ଓ ଚନ୍ଦ୍ରିକା। ପୁଅର ରିପୋର୍ଟ କାର୍ଡ ଧରି ଚନ୍ଦ୍ରିକା ଫେରିଆସିଲା ଘରକୁ। ସେହିଦିନ ସଂଧ୍ୟାରେ ହିଁ ପୁଅର ଡାଏରୀରୁ ଶିକ୍ଷକଙ୍କ ଫୋନ୍ ନମ୍ବର ନେଇ ନିଲୁକୁ ଫୋନ୍ ଲଗାଇଲା।

ନିଲୁ ଠିକ୍ ଜାଣିପାରୁଥିଲା ଚନ୍ଦ୍ରିକାର ଜିଜ୍ଞାସା। ତା' ବାପାଙ୍କ ହୋଟେଲ ସର୍ଟ ସର୍କିଟରେ ପୋଡ଼ିଗଲା। ଏହି ଦୁର୍ଘଟଣା ପାଇଁ ତା' ବାପା ମାନସିକ ଭାରସାମ୍ୟ ହରାଇ କୁଆଡେ ଚାଲିଗଲେ। ତେଣୁ ଗାଁ ଘର ଛାଡି ନିଲୁ ନିଜ ମା' ସହ ଏଇ ସହରରେ ଶିକ୍ଷକତା କରୁଛି। ଦୁଇ ଭଉଣୀଇ କେବେଠାରୁ ବାହା ହୋଇସାରିଲେଣି। ଚନ୍ଦ୍ରିକା ଉତ୍ସୁକତାର ସହ ପ୍ରଶ୍ନ କଲା, ତୁମେ...? ତୁମେ ବାହାସାହା ହେଲଣି କି?

ନିଲୁ ଉତ୍ତର ଦେଲା, ମା' ଓ ମାମୁଁଘର, ବନ୍ଧୁବାନ୍ଧବ କିଛି ଝିଅ ଦେଖାଦେଖି କରିଥିଲେ; ମାତ୍ର ସେମାନେ ତା'କୁ ପସନ୍ଦ କଲେନି। ତେଣୁ ବାହାଘରର ସୁଯୋଗ ମିଳିଲାନି। ଆଉ ଏବେ ବାପାଙ୍କ ଏମିତି ନିଖୋଜ ହେବା, ମା'ର ଅବସ୍ଥା ଦେଖି ବାହାଘର କଥା ମୁଣ୍ଡରେ ବି ପଶୁନି। ଚନ୍ଦ୍ରିକା କିଛି କହିବା ପୂର୍ବର ହିଁ ଫୋନ୍ କଟି ସାରିଥିଲା।

ପୁଅ ଏବେ ଚନ୍ଦ୍ରିକାକୁ ରଖେଇ ବସେଇ ଦେଉନି। ପାଖେଇ ଆସୁଛି ଗୁରୁଦିବସ। ସ୍କୁଲର ନାଟକ ଓ ଗୀତରେ ସେ ଭାଗ ନେଇଛି; କିନ୍ତୁ ତାଙ୍କ ସାର୍‌ଙ୍କୁ ସେ କି ଉପହାର ଦେବ, ଏକଥା ପଚାରି ପଚାରି ଚନ୍ଦ୍ରିକାକୁ ବ୍ୟସ୍ତ ବିବ୍ରତ କରିଦେଉଛି। ଚନ୍ଦ୍ରିକା ତାକୁ ଆଶ୍ୱାସ କରି କହିଲା, ଗୁରୁଦିବସ ପାଇଁ ସେ କିଛି ଭଲ ଉପହାର ନେଇ ଆସିବ ତା' ସାର୍‌ଙ୍କ ପାଇଁ; ଏକଥା ଶୁଣି ପୁଅ ଖୁସି ହେଲା ସତ; କିନ୍ତୁ ଚନ୍ଦ୍ରିକା ଭାବି ବସିଲା ସେ ନିଲୁ ପାଇଁ କ'ଣ କିଣିବ?

ଗୁରୁଦିବସ ଦିନ ପୁଅ ହାତରେ ଉପହାର ପଠେଇ ଦେଲା ଚନ୍ଦ୍ରିକା। ପୁଅ ମଧ୍ୟ ଆଶ୍ୱସ୍ତ ଥିଲା, ମମି କିଛି ଭଲ ଜିନିଷ ହିଁ ନେଇ ଆସିଥିବେ ତା' ସାର୍‌ଙ୍କ ପାଇଁ। ସଂଧ୍ୟାରେ ନିଲୁର ଫୋନ୍ ଆସିଲା

ଚନ୍ଦ୍ରିକା, ଉପହାର ପାଇଁ ଧନ୍ୟବାଦ। ପୁଅ ତରଫରୁ ଏଇ 'ଦି ମୋଷ୍ଟ ଏଡୋରେବଲ ଟିଚର'ର କପଟି ମୋତେ ଭାବପ୍ରବଣ କରିଦେଲା

ଚନ୍ଦ୍ରିକା ଉତ୍ତର ଦେଲା, 'ଦି ମୋଷ୍ଟ ହ୍ୟାଣ୍ଡସମ୍ ବୟ... ନିଲୁ' ଏବେ ମୋ ପୁଅର ସବୁଠାରୁ ପ୍ରିୟ ଶିକ୍ଷକ। ଦୁହେଁ ହସିଲେ। କିଛି ସମୟ ପରେ ନିଲୁ କହିଲା, ସବୁକିଛି ବଦଳି ଗଲା ଚନ୍ଦ୍ରିକା; ଆମେ କିଛି କରିପାରିଲେନି।

ଚନ୍ଦ୍ରିକା ଏକ ହତାଶ ସ୍ୱରରେ କହିଲା, କିଛି କରିପାରିଥାନ୍ତେ କି? ଏତେ ବର୍ଷ କେହି କାହାର ଖବର ମଧ୍ୟ ରଖିପାରି ନଥିଲେ। ଏବେ ହଠାତ୍ ଏଇ ସୂତ୍ରରେ ଯୋଡ଼ି ହୋଇଗଲେ। ନିଲୁର ଏକ ସଂକ୍ଷିପ୍ତ ଉକ୍ତି - ହଁ। ସେ ଦିନର ଚନ୍ଦ୍ରିକା... 'ଦି ମୋଷ୍ଟ ବ୍ୟୁଟିଫୁଲ୍ ଗାର୍ଲ' ଆଜିର ଦିନର 'ମୋଷ୍ଟ ବ୍ୟୁଟିଫୁଲ ମମି'। ପୁଣି ହସିଲେ ଦୁହେଁ, ନିଲୁ ଓ ଚନ୍ଦ୍ରିକା।

***ଭବାନୀପାଟଣା, କଳାହାଣ୍ଡି***

# ବୋଉ



**କେଦାର ରାଉତ**

**ଶ**ତ ଆରଧନା, କୋଟିଏ ସାଧନା,
ସାତ ଜନମର, ଯେତେ ଉପାସନା,
ସବୁଯାକ ଉଣାପଡେ
ତୋ କୋଟଟ କାନିରେ ବାନ୍ଧିଥିବା,
ଅନାବିଳ ପ୍ରେମ-ମମତା,
ବାତ୍ସଲ୍ୟର ଗଣ୍ଠିଲି ପାଖରେ।
କ'ଣ ବା ଦେଇଥିଲେ
ଶୁଝିଥା'ନ୍ତି ଋଣ ତୋ'ର?
ଆଜିଠାରୁ ମଲା ଯାଏ
ଖୋଜିଲେବି ଦିଶୁନାହିଁ କାହିଁ
ମିଳିବାର ସମ୍ଭାବନା କିଛି
ଯାହା ମୋ ଜତନ ଲାଗି
ତୁ ସହିଛୁ କଷଣ।
ପ୍ରବାସେ ଅବା ନିବାଶେ
ଆଖି ବୁଜିଦେଲେ,
ଚାରିଆଡେ ଶୁନଶାନ,
କୋଳାହଳ ବ୍ରହ୍ମାଣ୍ଡଟା
ହୋଇଯାଏ ନୀରବ-ନିଶବ୍ଦ
ସବୁ ଥାଇବି ମୁଁ ବେସାହାରା-ସର୍ବହରା।
ଲାଗୁଛି, ସତେ ଯେପରି,
ମୋ ସାମନାରେ ଲାମ୍ବି ଚାଲିଛି
ଗୋଟେ ଅଭିଶପ୍ତ, ଶଙ୍କାଗ୍ରସ୍ତ
ଆଉ ଅସମାପ୍ତ ବିଶ୍ୱରେ ତାଣ୍ଡ!
ବୋଉଲୋ...
ମୁଁ ଅସହାୟ, ଭାରାକ୍ରାନ୍ତ
କାହିଁକି କେଜାଣି?
ତଥାପି ବ୍ୟଥିତ
ସକାଳୁ ସଞ୍ଜଯାଏ।
ଦିନ ଯାଇ ରାତିପାହେ,
ମନ କଥା ମନେମାରି
କେବେକେବେ ତୋ'କଥା ସୁମରି,
କାହାକୁ କହିବି ବୋଲି ଭାବୁଭାବୁ,
ପୁଣି ଶୋଇପଡେ
କ୍ଲାନ୍ତିରେ, ହତାଶାରେ।
ବୋଉଲୋ...
ତୁ ଚାଲିଗଲା ପରେ



ସବୁ ଅନ୍ଧାର ଏ ଦୁନିଆରେ
ହେଲେ,
କୋଟି କୋଟି ନିଃସ୍ୱ ଓ ନିରଶ୍ରୀତା
ମା'ମାନଙ୍କୁ ଦେଖିଦେଲେ,
ଅବା ଭାବାନ୍ତରେ ଆସିଗଲେ
ତୁ ପୁଣି କେଉଁଠୁ ଆସିଯାଉ,
ସପନରେ କି ଗୋପନରେ
ମୁଁ ପୁଣି ଚେଇଁ ଉଠେ
ନିଦୁଆ ନିଦୁଆ ଆଖିରେ।
ବୋଉଲୋ...
ଏ ସିମାହିନ ବ୍ରହ୍ମାଣ୍ଡର
ସମସ୍ତ ପାର୍ଥିବ ସମ୍ପଦ
ହୀନ ଆଉ ତୁଚ୍ଛ ମୋ ଲାଗି
ତୋଅରି ବିହୁନେ...।
ବୋଉଲୋ....
ଆର୍ତ୍ତୀ, କ୍ଷୁଧାର୍ତ୍ତ, ତୃଷାର୍ତ୍ତ
ମାନଙ୍କ ଭିତରେ
ତୋତେ ସବୁବେଳେ
ଦେଖିବାର ଆଶାନେଇ
ବଞ୍ଚିବାର ଶପଥରେ
ଜିଇଁବାକୁ...
ତୁହି ତ ଦେଇଛୁ ଶିଖେଇ।
ବୋଉଲୋ....
ତୁ ଯେଉଁଠି ଯେପରି ଥା'
କଥା ମୁଁ ଦେଉଛି ତୋତେ
ଏ ଅଲୋଡା ଜୀବନ
ହେବନାହିଁ କେମେ ମୂଲ୍ୟ ହୀନ।
ଏଇ ଦେଖ;
ଏ ଅଶାନ୍ତ ବିଶ୍ୱ ଜନନୀର
ଶାନ୍ତି ପାଇଁ, ମୁଁ ବୁଲୁଛି,
ଦୁଆରୁ ଦୁଆର
ଶାନ୍ତିର ପତାକା ହଲାଇ।

***କୋଲକାତା***
***ଦୂରଭାଷ: ୯୩୪୮୬୭୭୬୫୪୮***

# ଈଶ୍ୱରଙ୍କୁ ପ୍ରଶ୍ନ



**ସ୍ନେହଲତା ଷଡଙ୍ଗୀ**

**ମୋ**ତେ ଟିକେ କହିବକି କେଳିକାନ୍ତ?
ବିଳାସିନୀ ରାଧା ପ୍ରେମରେ କି ରହସ୍ୟ ଥିଲା ଯେ
ମିଳନର ବିରଳ ମୁହୂର୍ତ୍ତରେ
ସ୍ୱୟଂ ଗୀତର ଗୁଞ୍ଜରତା ହେଉଥିଲା।
ପଥୁରିଆ ପଥରେ ସ୍ୱତଃ ସୁମନ ଫୁଟି ଉଠୁଥିଲା
ଗ୍ରୀଷ୍ମର ଆତପ ଶୀତର କମ୍ପନ ବର୍ଷାର ପ୍ରଚଣ୍ଡତା
ସବୁକିଛି ଋତୁରାଜ ବସନ୍ତରେ ପରିଣତ ହେଉଥିଲେ?
ଯୋଉଠି ସଂସାରର ସମସ୍ତ ତର୍କ ଗାଣିତିକ ସମୀକରଣକୁ
ତୁଚ୍ଛ କରିଦେଲ?



ମୋତେ ଟିକେ କହିବକି ବୃନ୍ଦାବନ ଚର?
ବୃନ୍ଦାରାଣୀର ପରଶରେ କି ମଧୁମୟତା ଥିଲା ଯେ
ତୁଳସୀ ବିନା ତୁମକୁ ଛପନ ଭୋଗ ଅସାର ଲାଗେ?
ଧଣ୍ଡା କରଡିଆ ମାଳ ବିନା ତୁମ ଶୃଙ୍ଗାର ପୂର୍ଣ୍ଣ ହୁଏନା
କେଉଁ ଭାବଟି ତୁମକୁ ଛୁଇଁଗଲା ଯେ
ଯୋଉଥିପାଇଁ ତୁଳସୀକୁ କୃଷ୍ଣ ପ୍ରେୟସୀ ରୂପେ
ଭୂଷିତ କରିଦେଲ?



ମୋତେ ଟିକେ କହିବ କି ଶ୍ୟାମଳାସାଆନ୍ତେ?
ମୋ ଭାବରେ କି ଅଭାବ ରହିଯାଇଛି ଯେ
ମୋ ପାଇଁ ଭକ୍ତ ବତ୍ସଳ ଭାବ ଅପସରି ଯାଇଛି
ସିକ୍ତ କରୁନାହିଁ ତୁମ ହୃଦୟ କେଦାରକୁ
ହେ ବାଙ୍ମୟ! ହେ ପ୍ରିୟତମ!
ଗୋଟିଏ ଅନୁରୋଧ ରଖିବ କି ତୁମେ?
ଦେହରୁ ପ୍ରାଣ ଗଲା ବେଳେ ପାଶେଥିବ କ୍ଷଣେ?

***ଭବାନୀପାଟଣା, କଳାହାଣ୍ଡି***








**ଅଭିଷେକ ଜେନା**
ଷ୍ଟାଣ୍ଡାର୍ଡ-୬
କେନ୍ଦ୍ରୀୟ ବିଦ୍ୟାଳୟ-୪
ଭୁବନେଶ୍ୱର





**ଅମନ୍ ଜିତେନ୍ଦ୍ର ଦାସ**
ଷ୍ଟାଣ୍ଡାର୍ଡ-୯
କେନ୍ଦ୍ରୀୟ ବିଦ୍ୟାଳୟ-୩
ମଞ୍ଚେଶ୍ୱର, ଭୁବନେଶ୍ୱର

# ମୟୂରଭଞ୍ଜରୁ ବିମାନ ଉଡ଼ାଣ କେବେ ?

**ବାରିପଦା, (ସଦାନନ୍ଦ ସାହୁ):** ମୟୂରଭଞ୍ଜ ଜିଲ୍ଲାରୁ ବିଭିନ୍ନ ସହରକୁ ବିମାନ ସେବା କେବେ ଶୁଭାରମ୍ଭ ହେବ ତାହା ଏବେ ପ୍ରଶ୍ନବାଚୀ ହୋଇଯାଇଛି । ଭୁବନେଶ୍ୱରରେ ଗତ ୨୦୧୫ ନଭେମ୍ବର ୨୦ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ମୟୂରଭଞ୍ଜ ଜିଲାରୁ ବିମାନ ଉଡ଼ାଣ ଉପରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ମୟୂରଭଞ୍ଜରୁ ୨୦୧୬ ସୁଦ୍ଧା ବିମାନ ସେବା ଉପଲବ୍ଧ ହେବାର ଘୋଷଣା କରିଥିଲେ । ଏଥି ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ଜିଲା ବିଜଦର ଯୁବ, ଛାତ୍ର ଓ ମହିଳା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଥିଲା । ମାତ୍ର ଏହା ମଧ୍ୟରେ ତିନି ବର୍ଷ ଅତିକ୍ରମ ହୋଇ ସାରିଥିଲେ ମଧ୍ୟ ମୟୂରଭଞ୍ଜ ଜିଲାରୁ ବିମାନ ଉଡ଼ାଣର କୌଣସି ପ୍ରସ୍ତୁତି ଆରମ୍ଭ ହୋଇପାରିଲା ନାହିଁ । ସୂଚନା ଯୋଗ୍ୟ ଯେ, କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିଚାଳିତ ଏନ୍‌ଡ଼ିଏ ସରକାରର ପ୍ରଥମ ପାଳି ଆରମ୍ଭର ଏକ ବର୍ଷ ପରେ ସରକାରଙ୍କ ଅଧୀନରେ ଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ବେସାମରିକ ବିମାନ ଉଡ଼ାଣ ନିମନ୍ତେ ନୂତନ ଜାତୀୟ ନୀତିର ଚିଠା ପ୍ରସ୍ତାବ ଆଗତ କରାଯାଇଥିଲା । ଏଥିରେ ସୁଲଭ ମୂଲ୍ୟରେ ଅର୍ଥାତ୍ ସର୍ବାଧିକ ୨୫୦୦ ଟଙ୍କା ଭଡ଼ା ମଧ୍ୟରେ ଛୋଟ ଛୋଟ ସହରଗୁଡ଼ିକୁ ବିମାନ ସେବାର ଶୁଭାରମ୍ଭ, ବିଦେଶରେ ଘରୋଇ ବିମାନ ସେବା ଆରମ୍ଭ କରିବା ପାଇଁ ନିୟମକୁ କୋହଳ କରିବା ସଂଗେ ସଂଗେ ବନ୍ଦ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଏୟାର ଷ୍ଟ୍ରିପଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରାଇବାର ପ୍ରସ୍ତାବକୁ ୨୦୧୫ ଶେଷ ସୁଦ୍ଧା ଚୂଡ଼ାନ୍ତ ରୂପରେଖ ଦିଆଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପି. ଅଶୋକ ଗଣପତି ରାଜୁ ଗତ ୨୦୧୫ ଅକ୍ଟୋବର ୩୦ରେ ନୂଆ ଚିଠା ଆଗତ କରିଥିଲେ । ଏଥିସହିତ ବେସାମରିକ ବିମାନ ଚଳାଚଳ ସଚିବ ଆର୍ ଏନ୍ ଚୌବେଙ୍କ ଘୋଷଣା ଅନୁସାରେ ମହାନଗର ଓ ଛୋଟ ଛୋଟ ସହର ମଧ୍ୟରେ ସ୍ୱଳ୍ପ ସମୟ ମଧ୍ୟରେ ଯାତାୟତ ନିମନ୍ତେ ଏକ ଘଣ୍ଟାର ଉଡ଼ାଣ ନିମନ୍ତେ



ଯାତ୍ରୀମାନଙ୍କୁ ସର୍ବାଧିକ ୨୫୦୦ ମଧ୍ୟରେ ଭଡ଼ା ଦେବାକୁ ପଡ଼ିବ । ଉକ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଗଲେ ଯେଉଁ କ୍ଷତି ହେବ ତାର ଭରଣା ବାସ୍ତବିକ ମୂଲ୍ୟ ଓ ଭଡ଼ାର ଅନ୍ତର ପାଣ୍ଠି ଭିଜିଏଫ୍‌ରୁ ଭରଣା କରାଯିବ । ଭିଜିଏଫରୁ ୮୦ ପ୍ରତିଶତ ଅର୍ଥ କେନ୍ଦ୍ର ଯୋଗାଇ ଦେଉଥିବା ସମୟରେ ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ଯୋଗାଇ ଦେବ ବୋଲି କୁହାଯାଇଥିଲା । ଏଥିସହିତ ଭାରତର ବିଭିନ୍ନ ସହରମାନଙ୍କରେ ୪୩୦ରୁ ଅଧିକ ବିମାନ ବନ୍ଦର ରହିଥିବା ସମୟରେ ଏହା ମଧ୍ୟରୁ ପ୍ରାୟ ୯୦ ଗୋଟି ସଂଚାଳନ ଉପଯୋଗି ରହିଅଛି । ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବିମାନ ବନ୍ଦରଗୁଡ଼ିକୁ ୫୦ କୋଟି ଟଙ୍କା ବ୍ୟୟ ବରାଦରେ ଉନ୍ନତି କରଣ କରାଯିବାର ପ୍ରସ୍ତାବ ରହିଥିଲା । ବ୍ରିଟିଶ ଶାସନ ସମୟରେ ୫ ଶହ ଏକରରୁ ଅଧିକ ଅଞ୍ଚଳ ଏବଂ ୫ କିଲୋମିଟର ରନୱେକୁ ନେଇ ନିର୍ମିତ ରାସଗୋବିନ୍ଦପୁର ଏୟାର ଷ୍ଟ୍ରିପ ସାମରିକ ଦୃଷ୍ଟିକୋଣରୁ ଅନେକ ଗୁରୁତ୍ୱ ବହନ କରିଥିଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ବ୍ରିଟିଶ ସରକାର ଉକ୍ତ ବିମାନ ଘାଟିକୁ ତାର ସାମରିକ ଘାଟି ଭାବେ ବ୍ୟବହାର କରୁଥିଲା । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଦାଣ୍ଡପୋଷ, ରଜାବସା ଆଦି ବିମାନ ଘାଟି ରହିଛି । ଏହି ସମସ୍ତ ପରିତ୍ୟକ୍ତ ବିମାନ ଘାଟି ପୁର୍ନଉଦ୍ଧାର କରାଯାଇପାରିଲେ ଜିଲ୍ଲାକୁ ବିଦେଶୀ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଦେଶ ଭିତରୁ ମଧ୍ୟ ପର୍ଯ୍ୟଟମାନେ ମୟୂରଭଞ୍ଜ ଭ୍ରମଣର ସୁବିଧା ସୁଯୋଗ ପାଇପାରନ୍ତେ । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଆଗତ ଚିଠା ପ୍ରସ୍ତାବ ଅନୁସାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲାର ଜନସାଧାରଣଙ୍କୁ ବିମାନ ସେବା ଯୋଗାଇ ଦେବା ନିମନ୍ତେ ଆଗେଇ ଆସିଥିଲେ । କିନ୍ତୁ ରାଜ୍ୟର ଝାରସୁଗୁଡ଼ା ସହରରୁ ବିମାନ ଉଡ଼ାଣ ଆରମ୍ଭ ହୋଇସାରିଥିବା ସମୟରେ ମୟୂରଭଞ୍ଜ ଜିଲାରୁ ଦେଶ ଭିତରେ ବିଭିନ୍ନ ସହରକୁ ବିମାନ ସେବା ଫାଇଲରେ ଅଳନ୍ଧୁ ଲାଗିଯାଇଛି । ଏହାକୁ ତୀବ୍ର ଭାବେ ସମାଲୋଚନା କରିଛନ୍ତି ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଯୁଗେଶ ଅଗ୍ରୱାଲ ଓ ଭଞ୍ଜସେନାର କାର୍ଯ୍ୟକାରୀ ସଭାପତି ରାକେଶ ସିଂ । ପିସିସି ସାଧାରଣ ସମ୍ପାଦକ ଶ୍ରୀଅଗ୍ରୱାଲାଙ୍କ କହିବା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ଯାହା କୁହନ୍ତି ତାହା କାର୍ଯ୍ୟରେ ପରିଣତ କରନ୍ତି ନାହିଁ । ଓଡ଼ିଶାରେ ୨୦ ବର୍ଷର ଶାସନରେ କେବଳ ମିଥ୍ୟା ପ୍ରତିଶ୍ରୁତିର ମରିଚିକା ମଧ୍ୟରେ ରାଜ୍ୟବାସୀଙ୍କୁ ପ୍ରତାରିତ କରିଚାଲିଛନ୍ତି ବୋଲି କହିଥିବା ବେଳେ ଭଞ୍ଜସେନାର କାର୍ଯ୍ୟକାରୀ ସଭାପତି ଶ୍ରୀସିଂ ମୁଖ୍ୟମନ୍ତ୍ରୀ ନବୀନ କାମରେ ନୁହେଁ କାବଳ କଥାରେ ବିଶ୍ୱାସ ରଖନ୍ତି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଶାସନରେ ମୟୂରଭଞ୍ଜ ଜିଲ୍ଲା ବିଶେଷ ଭାବେ ଉପେକ୍ଷିତ ହୋଇଆସୁଛି । ଜିଲ୍ଲାରେ ବିକାଶ ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଛି ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀମନ୍ଦିର ...

ପାର୍ଶ୍ୱବର୍ତ୍ତୀ ରାଜ୍ୟ ମାନଙ୍କରେ ଶିଳ୍ପାୟନ ବୃଦ୍ଧି ପାଉଥିବାରୁ ମାଲ ପରିବହନ ନିମନ୍ତେ ନୂତନ ବନ୍ଦର ପ୍ରତିଷ୍ଠା ସହିତ ନଦୀ ଜଳପଥ ବିକାଶର ସୁଯୋଗ ସୃଷ୍ଟି ହୋଇଛି । ରାଜ୍ୟରେ ୧୪ ଗୋଟି ଅଣ ବୃହତ ବନ୍ଦର ଚିହ୍ନିତ ହୋଇଅଛି । ସେଥିରୁ ଦୁଇଗୋଟି ଗୋପାଳପୁର ଓ ଧାମରା କାର୍ଯ୍ୟକ୍ଷମ ଥିବା ବେଳେ ଅନ୍ୟ ଦୁଇଟି ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖା ନିର୍ମାଣାଧିନ ଅଛି । ବନ୍ଦର ପ୍ରତିଷ୍ଠା ଦ୍ୱାରା ପୁଞ୍ଜି ବିନିଯୋଗ ହେବା ସହିତ ରାଜ୍ୟର ଅର୍ଥନୈତିକ ଉନ୍ନତି ସହିତ ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ମାରିଟାଇମ୍ ବୋର୍ଡ ଗଠନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ଉପରେ ସମସ୍ତ ଅଣ ବୃହତ ବନ୍ଦର ଏବଂ ଅନ୍ତର୍ଦେଶୀୟ ନୌପରିବହନ ନିୟନ୍ତ୍ରଣ ପରିଚାଳନା ଓ ପ୍ରଶାସନ ଦାୟିତ୍ୱ ନ୍ୟସ୍ତ ହେବ । ୨୦୧୧ ମସିହାରେ ଗୋଟିଏ ମାରିଟାଇମ୍ ବୋର୍ଡ ଗଠନ ପାଇଁ ବିଲ୍ ପାସ୍ ହୋଇଥିଲା । ମାତ୍ର ସେଥିରେ ଅଧିକ ବିଷୟବସ୍ତୁ ଯୋଡ଼ିବା ପାଇଁ ସେ ବିଲ୍‌କୁ ପ୍ରତ୍ୟାହାର କରିନିଆଗଲା । ଏହି ପରିଷଦ ଏକକ ବାତାୟନ ସୁବିଧା ପ୍ରଦାନକାରୀ ସଂସ୍ଥା ଭାବେ ରାଜ୍ୟରେ ସମସ୍ତ ସାମୁଦ୍ରିକ ପ୍ରକଳ୍ପ ଗୁଡ଼ିକର ଉନ୍ନୟନ ନିମନ୍ତେ କାର୍ଯ୍ୟ କରିବ । ଏହା ଦେଶର ସୁରକ୍ଷା ଓ ନିରାପତାକୁ ଦୃଷ୍ଟି ଦେଇ ବନ୍ଦର ଓ ଜଳପଥର ସମନ୍ୱିତ ବିକାଶ ନିମନ୍ତେ ନୀତି ନିର୍ଦ୍ଧାରଣ, ମାର୍ଗ ଦର୍ଶକ ଓ ନିର୍ଦ୍ଦେଶ ପ୍ରଦାନ କରିବ । ଏତଦ୍ ବ୍ୟତୀତ ଏହି କ୍ଷେତ୍ରରେ ଘରୋଇ ପୁଂଜି ଲଗାଣକୁ ଉତ୍ସାହିତ କରିବା ପାଇଁ ସର୍ଭେ ଓ ଯାନ୍ତ୍ରିକ ତଥା ଆର୍ଥିକ ସମ୍ଭାବନା ଉପରେ ମଧ ଅନୁଧ୍ୟାନ ଓ ଅଧ୍ୟୟନ କରି ରିପୋର୍ଟ ପ୍ରସ୍ତୁତ କରିବ । ପରିଷଦର ପ୍ରମୁଖ କାର୍ଯ୍ୟ ଗୁଡ଼ିକ ହେବ- ରାଜ୍ୟର ନିଜସ୍ୱ ଓ ଘରୋଇ ଉଦ୍ୟୋଗର ମିଳିତ ସହଭାଗିତାରେ ଅଣ-ବୃହତ ବନ୍ଦର ଗୁଡ଼ିକର ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚାଳନା କରିବା । ସେହିପରି ବନ୍ଦର କର୍ତ୍ତୃପକ୍ଷଙ୍କୁ ନ୍ୟସ୍ତ କରାଯାଇଥିବା ଅବ୍ୟବହୃତ ଜମିର ସଫଳ ବିନିଯୋଗ ସହ ସମନ୍ୱିତ ସହରୀକରଣ ପାଇଁ ଯୋଜନା ପ୍ରସ୍ତୁତ କରିବା ଏବଂ ତାହାକୁ କାର୍ଯ୍ୟକାରୀ କରିବା, ବନ୍ଦରାଂଚଳ ପ୍ରବେଶ ପଥ ଗୁଡ଼ିକରେ ଯାହାଜ ଚଳାଚଳକୁ ନିୟନ୍ତ୍ରଣ ଓ ପରିଚାଳନା କରିବା, ବନ୍ଦର ନିମନ୍ତେ କରାଯାଇଥିବା ସମସ୍ତ ନିର୍ମାଣ କାର୍ଯ୍ୟର ତଦାରଖ ଓ ନିୟନ୍ତ୍ରଣ କରିବା, ମାଲ ଖଲାସ ଓ ବୋଝେଇ କରିବା, ଜାହାଜ ଚଳାଚଳ କରିବା, ଛୋଟ ଡଙ୍ଗା ମଧରେ ବନ୍ଦର ଭିତରେ ମାଲ ଓ ଯାତ୍ରୀ ପରିବହନ କରିବା, ଅନ୍ତର୍ଦେଶୀୟ ଜଳପଥ ପରିବହନର ଉନ୍ନତିକରଣ, ପ୍ରୋତ୍ସାହନ ରକ୍ଷଣା ବେକ୍ଷଣ ଏବଂ ନିୟନ୍ତ୍ରଣ କରିବା, ବନ୍ଦର ମାନଙ୍କରେ ବିଭିନ୍ନ ସେବା ଶୁଳ୍କ ଯଥୋଚିତ ଫି' ଧାର୍ଯ୍ୟ କରିବା ଏବଂ ତାହାକୁ ଅସୁଲ କରିବା ଏହାର ପ୍ରମୁଖ କାର୍ଯ୍ୟ ହେବ । ରାଜ୍ୟ ସଡ଼କ ପରିବହନ ନିଗମର ଆର୍ଥିକ ପୁନର୍ବିନ୍ୟାସ ପାଇଁ ଆସିଥିବା ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି । ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ ରାଜ୍ୟ ସରକାର ଓ ନିଗମ ମଧ୍ୟରେ ଥିବା ପୁରୁଣା ଦେୟ ସବୁଦିନ ପାଇଁ ସମାଧାନ ହୋଇପାରିବ । ନିଗମର ୧୬୯.୯୩ କୋଟି ଟଙ୍କା କ୍ଷତି ଅଂଶଧନ ବାବଦକୁ ପର୍ଯ୍ୟାୟକ୍ରମେ ରୂପାନ୍ତରିତ କରାଯିବ । ଥରେ ଏହି କ୍ଷତି ଭରଣା କରିପାରିଲେ ପରିବହନ ନିଗମ ତାର ଇଚ୍ଛା ମୁତାବକ ଆର୍ଥିକ ଅନୁଷ୍ଠାନ ମାନଙ୍କ ନିକଟକୁ ଆର୍ଥିକ ସହାୟତା ପାଇଁ ଯାଇ ବ୍ୟବସାୟିକ ଦୃଷ୍ଟିକୋଣରୁ ଆରାମଦାୟକ ଯାତ୍ରୀ ସେବା ଯୋଗାଇ ଦେଇପାରିବ । ନିଗମ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବହୁ ପୁରୁଣା ଦେୟ ଅସମାହିତ ହୋଇ ପଡ଼ି ରହିଛି । ରାଜ୍ୟ ସରକାରଙ୍କ ୭୨.୩ କୋଟି ଟଙ୍କାର ପୁରୁଣା ବକେୟା ଇକ୍ୟୁଟିକୁ ରୂପାନ୍ତରିତ ହୋଇଛି । ସର୍ବମୋଟ ଇକ୍ୟୁଟିର ପୁଞ୍ଜି ୨୪୬.୫୪ କୋଟି ଟଙ୍କାକୁ ବୃଦ୍ଧି ହୋଇଛି । ନିଗମର ରାଜ୍ୟ ସରକାରଙ୍କ ଉପରେ ଥିବା ୭୭.୪୪ କୋଟି ଟଙ୍କା ଛାଡ଼ କରିବା ପାଇଁ ପ୍ରସ୍ତାବ ଆସିଥିଲା ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ପ୍ରଶ୍ନର ଉତ୍ତରରେ କହିଥିଲେ । ୧୯୭୪ ମସିହାରେ ଏହି ନିଗମ ଗଠନ କରାଯାଇଥିଲା । ଆର୍ଥିକ ଅନଗ୍ରସର, ଅଗମ୍ୟ ଓ ମାଓ ଉପଦ୍ରୁତ ଅଞ୍ଚଳରେ ଯେଉଁଠାରେ କି ବେସରକାରୀ ବସ ମାଲିକ ମାନେ ଗାଡ଼ିକ ଚଳାଇବାକୁ ଅନିଚ୍ଛୁକ, ସେ ସବୁ ସ୍ଥାନକୁ ସରକାର ନିରବଚ୍ଛିନ୍ନ ଭାବେ ବସ ସେବା ଯୋଗାଇ ଦେଉଛି । ବିଭିନ୍ନ କାରଣରୁ ଉକ୍ତ ନିଗମ ଆର୍ଥିକ କ୍ଷତି ସହି ଆସୁଛି ଏବଂ ବହୁଳ ଏକକୀକୃତ କ୍ଷତି ପାଇଁ କୌଣସି ଆର୍ଥିକ ଅନୁଷ୍ଠାନରୁ ନୂଆ ବସ୍ କିଣିବା ଓ ବସ୍‌ଷ୍ଟାଣ୍ଡର ଉନ୍ନତିକରଣ ପାଇଁ ପୁଞ୍ଜି ସଂଗ୍ରହ କରିପାରୁ ନାହିଁ ବୋଲି ସେ କହିଥିଲେ ।

### ଅକ୍ଟୋବର ...

କରିବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ଜୀବନରେ ବହୁତ ବଡ ପରିବର୍ତ୍ତନ ଆଣିବ । ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତେ ମିଳିମିଶି ଲୋକମାନଙ୍କ କଲ୍ୟାଣ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ରାଜ୍ୟସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ଗତକାଲି ଭୁବନେଶ୍ୱରସ୍ଥିତ ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସମେତ ସ୍ୱାଧୀନତା ଆନ୍ଦୋଳନର ଅଗଣିତ ସଂଗ୍ରାମୀଙ୍କ ସହିତ ଦେଶର ଶାନ୍ତି ଓ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ସାରା ବିଶ୍ୱ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ପାଳନ କରୁଛି । ଗାନ୍ଧିଜୀଙ୍କ ବିଚାର ଓ ଆଦର୍ଶର ପ୍ରାସଙ୍ଗିକତା ଆମେ ଅଧିକ ଅନୁଭବ କରୁଛୁ । ଏହି ଅବସରରେ 'ଅଂହିସା' ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବାର ଦାବୀକୁ ସେ ପୁନର୍ବାର ଦୋହରାଇଥିଲେ । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ସ୍ୱରାଷ୍ଟ୍ର ବିଭାଗ ଅରିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ପୁଲିସ୍ ଡିଜି ବିଜୟ କୁମାର ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ପତାକା ମଂଚ ନିକଟକୁ ପାଛୋଟି ନେଇଥିଲେ । ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନ୍.ସି.ସି କ୍ୟାଡେଟ୍,ଗଣମାଧ୍ୟମ ପ୍ରତିନିଧ ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ରାଜ୍ୟ ସଂସ୍କୃତି ବିଭାଗ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ, ଓଡିଶାଙ୍କ ମିଳିତ ସହଯୋଗରେ ଆୟୋଜିତ "ଗାନ୍ଧିଜୀ ଓ ଓଡିଶା" ଶୀର୍ଷକ ଏକ ବୃହତ୍ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହିତ ଓଡିଶାରେ ଗାନ୍ଧିଜୀଙ୍କ ସ୍ମୃତି, ତାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ, ଖଦୀ ବସ୍ତ୍ର ପ୍ରସ୍ତୁତି ପ୍ରଣାଳୀ ଏବଂ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ କୃତ ବାଲୁକା କଳାକୃତି ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସୂଚନା ଓ ଲୋକ ସଂପର୍କ ବିଭାଗ କମିଶନର ତଥା ଶାସନ ସଚିବ ସଂଜୟ କୁମାର ସିଂ, ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ବିପିନି ବିହାରୀ ବାରିକି, ଉପ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପତାକା ଉତୋଳନ ଅବ୍ୟବହିତ ପୂର୍ବରୁ ସୂଚନା ଓ ଲୋକ ସଂପର୍କ ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀ ଦାସ ସ୍ୱାଧୀନତା ଦିବସ ପାଳନର ପୃଷ୍ଠଭୂମି ଓ ଗାନ୍ଧିଜୀଙ୍କ ଓଡିଶା ଆଗମନ ସଂପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ, ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ, ରଚନା ଅଧିକାରୀ ଦିପ୍ତିମୟୀ ମହାପାତ୍ର, ସହକାରୀ ସୂଚନା ଅଧିକାରୀ ପ୍ରମିଳା ମାଝି ଉପସ୍ଥିତ ଦର୍ଶକ ଓ ଶ୍ରୋତାମାନଙ୍କୁ ଏହି ସ୍ମରଣୀୟ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରୁ ସୂଚନା ଓ ଲୋକ ସଂପର୍କ ତରଫରୁ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ କ୍ୟାସେଟ୍ ଯୋଗେ ରାମଧୂନ ପରିବେଷଣ କରାଯାଇଥିଲା ।

### ଅସିତ ତ୍ରିପାଠୀ ...

ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିବା ପରେ ତାଙ୍କ ସ୍ଥାନରେ ଶ୍ରୀ ତ୍ରିପାଠୀଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି । ସେହିପରି ଅସିତ ତ୍ରିପାଠୀଙ୍କ ଜାଗାରେ ସୁରେଶଚନ୍ଦ୍ର ମହାପାତ୍ର ଉନ୍ନୟନ କମିଶନର ହୋଇଛନ୍ତି । ଏଥିସହ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧକ୍ଷ ଭାବେ ଶ୍ରୀ ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦବୀ ନୂଆ । ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ମହାପାତ୍ରଙ୍କୁ ବଦଳି କରାଯାଇ ସେଠାରେ ଡ. କ୍ରିଷନ କୁମାରଙ୍କୁ ନିଯୁକ୍ତି ଦିଆଯାଇଛି । ପୂର୍ତ୍ତ ସଚିବ ଦାୟିତ୍ୱ ସହ ଅତିରିକ୍ତ ଭାବେ ମୁଖ୍ୟପ୍ରଶାସକ ଦାୟିତ୍ୱ ମଧ ତୁଲାଇବେ କ୍ରିଷନ କୁମାର । ପ୍ରଦୀପ ମହାପାତ୍ରଙ୍କୁ କୃଷି ଉତ୍ପାଦନ କମିଶନର ଭାବେ ନିଯୁକ୍ତି ମିଳିଛି । ସେହିଭଳି ପ୍ରଥମଥର ଲାଗି ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ମୁଖ୍ୟ ଉପଦେଷ୍ଟା ନିଯୁକ୍ତି ଦିଆଯାଇଛି । ଅବସରପ୍ରାପ୍ତ ଆଇଏସଏସ୍ ଏବଂ ଦକ୍ଷ ପ୍ରଶାସକ ଆର୍ ବାଲକ୍ରିଷ୍ଣନ୍ ଏହି ପଦବୀରେ ନିଯୁକ୍ତି ପାଇଛନ୍ତି । ମୁଖ୍ୟ ପରାମର୍ଶଦାତା ସ୍ପେଶିଆଲ ଇନିସିଏଟିଭିସ୍ ଦାୟିତ୍ୱ ସହ ବାଲକ୍ରିଷ୍ଣନ୍ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ । ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନୂଆ ନିଯୁକ୍ତି ଉପରେ ମୋହର ଲଗାଇଛନ୍ତି । ଆର୍. ବାଲକ୍ରିଷ୍ଣନ୍ ଏବଂ ଡ. କ୍ରିଷନ୍ କୁମାରଙ୍କ ନୂତନ ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହୋଇଥିବାବେଳେ ମୁଖ୍ୟଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ତଥା ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ କୃଷି ଉତ୍ପାଦନ କମିଶନର ଭାବେ ପ୍ରଦୀପ୍ତ କୁମାର ମହାପାତ୍ର ଆସନ୍ତା ୧୯ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

### ପାକିସ୍ତାନ ...

'ବିଫଳ' ହୋଇଛି ବୋଲି ଗୋଟିଏ ଶବ୍ଦରେ କହିଛନ୍ତି । ଇସ୍‌ଲାମାବାଦକୁ କେବଳ ଚୀନ୍ ସମର୍ଥନ କରିଥିଲା ବୋଲି ପାକିସ୍ତାନର ଏକ ପ୍ରମୁଖ ସମ୍ବାଦପତ୍ର ଉଲ୍ଲେଖ କରିଛି । ପାକିସ୍ତାନର ପରମ ମିତ୍ର ତଥା ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଚୀନ୍ ଇସ୍‌ଲାମାବାଦର ଅନୁରୋଧ କ୍ରମେ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିବା ଲାଗି ବୈଠକ ଡାକିଥିଲା । ସୁରକ୍ଷା ପରିଷଦର ଏହି ରୁଦ୍ଧ ଦ୍ୱାର ବୈଠକରେ ୫ ସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ କେବଳ ଚୀନ୍ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଜଣାଇଥିଲା । ଅନ୍ୟ ୪ ସ୍ଥାୟୀ ସଦସ୍ୟ ବ୍ରିଟେନ, ଫ୍ରାନ୍ସ, ଋଷିଆ ଓ ଆମେରିକା ଭିନ୍ନ ମତ ପ୍ରକାଶ କରିଥିଲେ । କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବା ଦର୍ଶାଇ ଭାରତ ଓ ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ବିବାଦର ସମାଧାନ କରିବାକୁ ଏହି ୪ ରାଷ୍ଟ୍ର ଦୃଢ଼ ମତ ପୋଷଣ କରିଥିଲେ । ସେହିପରି ୧୦ ଅସ୍ଥାୟୀ ସଦସ୍ୟ ବେଲଜିୟମ୍, କୋଟ୍ ଡିଲ୍‌ଭୟର, ଡୋମିନିକାନ୍ ରିପବ୍ଲିକ୍, ଇକ୍ୟୁଏଟୋରିଆଲ୍ ଗୁଏନା, ଜର୍ମାନୀ, ଇଣ୍ଡୋନେସିଆ, କୁଏତ୍, ପେରୁ, ପୋଲାଣ୍ଡ୍ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ କେବଳ ଇଣ୍ଡୋନେସିଆ ଓ କୁଏତ୍ ଅତୀତରେ ଦରଦ ପ୍ରକାଶ କରିଥିଲେ । ଶୁକ୍ରବାର ବୈଠକରେ ଏହି ଦୁଇ ରାଷ୍ଟ୍ରର ଆଭିମୁଖ୍ୟ ସ୍ପଷ୍ଟ ହୋଇ ନାହିଁ । ତେବେ ଅନ୍ୟ ୮ଟି ଅସ୍ଥାୟୀ ସଦସ୍ୟ ରାଷ୍ଟ୍ରକୁ ଚୀନ୍ ପାକିସ୍ତାନ ସପକ୍ଷରେ ମନାଇବା କଷ୍ଟକର ହୋଇଥିଲା ବୋଲି ଡନ୍‌ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ଏହି ପାକିସ୍ତାନୀ ସମ୍ବାଦପତ୍ର ଆହୁରି ଉଲ୍ଲେଖ କରିଛି ଯେ, ଜାତିସଂଘରେ ପାକ୍ ପ୍ରତିନିଧି ମାଲିହା ଲୋଧି ଓ ତାଙ୍କର ଟିମ୍ ଚଳିତ ମାସ ପ୍ରାରମ୍ଭରୁ କଶ୍ମୀର ପ୍ରସଙ୍ଗରେ ସମର୍ଥନ ଯୋଗାଡ଼ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ସେଥିରେ ସଫଳ ହୋଇ ନାହାନ୍ତି । ଏହି ପରିପ୍ରେକ୍ଷୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟେଲିଫୋନ କରି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ । ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମେହେମୁଦ୍ କ୍ୟୁରେସି କହିଛନ୍ତି, ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆମେରିକା ରାଷ୍ଟ୍ରପତିଙ୍କୁ ବିଶ୍ୱାସକୁ ନେଇ ଭାରତ ସରକାର କଶ୍ମୀରରୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରତ୍ୟାହାର କରିବା ପ୍ରସଙ୍ଗରେ ଜାତିସଂଘରେ ସହାୟତା ଲୋଡ଼ିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା ବୋଲି ସେ କହିଛନ୍ତି । ପାକିସ୍ତାନ ମଧ୍ୟ ଅନ୍ୟ ୪ ସ୍ଥାୟୀ ସଦସ୍ୟଙ୍କ ସହ ଏ ସମ୍ପର୍କରେ ଯୋଗାଯୋଗ କରିଥିଲା ବୋଲି ପାକ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିବା ଲାଗି ପୂର୍ବରୁ ପାକ୍ ବୈଦେଶିକ ମନ୍ତ୍ରୀ କ୍ୟୁରେସି ଜାତିସଂଘକୁ ପତ୍ର ଲେଖି ଅନୁରୋଧ କରିଥିଲେ ।

### ପୋଲିସ ଭକ୍ଷକ ...

ଏବଂ ତାଙ୍କର କର୍ମଚାରୀ ବିବି ଦାସ ଉପସ୍ଥିତ ରହି ଜମିଟିକୁ ଦଖଲକୁ ନେଇଗଲେ । ପୂର୍ବରୁ ଏହାକୁ ବିରୋଧ କରି ଆସୁଥିବା ଅଭିଯୋଗକାରୀ ସୁମନ୍ତ ବଳିୟାରସିଂଙ୍କ ଭାଇ ନିର୍ମାଣ କରିଥିବା ପ୍ରାଚୀରଟିକୁ ମଧ ଜବରଦସ୍ତ ଭାବେ ଭାଙ୍ଗି ଦିଆଗଲା । ଘଟଣା ସ୍ଥଳରେ ଅଭିଯୋଗକାରୀଙ୍କ ପକ୍ଷରୁ ଏହି ଜମିର ସମସ୍ତ କାଗଜପତ୍ର ଦେଖାଇ ପ୍ରତିବାଦ କରାଯିବାରୁ ଉପଜିଲ୍ଲାପାଳ ଏବଂ ତହସିଲଦାର କହିଲେ ଆପଣ ମାନ୍ୟବର ଅଦାଲତରେ କେସ୍ କରନ୍ତୁ । ତା'ପରେ ଅଭିଯୋଗକାରୀ ନନ୍ଦନକାନନ ଥାନାରେ ଗତ ଜୁଲାଇ ୨୪ ତାରିଖରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଥାନା ବାବୁମାନେ ଗୁରୁତ୍ୱ ନଦେବା ସହିତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁଁ ଅଭିଯୋଗକାରୀ ମାନ୍ୟବର ଅଦାଲତ (ଗ୍ରାମୀଣ ନ୍ୟାୟାଳୟ)ରେ ଗୋଟିଏ ମକଦ୍ଦମା କଲେ । ଯାହାର ନମ୍ବର-୧ସିସି୨୮୮୬/୨୦୧୯ । ଗତ ୫ ତାରିଖରେ ମାନ୍ୟବର ଅଦାଲତ ଅଣ୍ଡର ସେକ୍ସନ ୧୫୬କ୍ଲଟ୍-୩(ସିଆରପିସି) ଜରିଆରେ ନନ୍ଦନକାନନ ଥାନାକୁ ମକଦ୍ଦମାଟିକୁ ରେଜିଷ୍ଟ୍ରି କରାଇ ସେପ୍ଟେମ୍ବର ମାସ ୪ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟରେ ଅଦାଲତଙ୍କ ଆଦେଶକୁ ଅବମାନନା କରି ଉକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ ଡ. ଜେନାଙ୍କୁ ଡକାଇ ଅଭିଯୋଗକାରୀଙ୍କ ନାମରେ ୧୩.୮.୨୦୧୯ ରିଖରେ ଗୋଟିଏ ମିଥ୍ୟା ମକଦ୍ଦମା କଲେ । ଯାହାର ଥାନା କେସ୍ ନଂ.-୭୬/୨୦୧୯ ଅଟେ । ୧୩.୦୮.୨୦୧୯ ଅପରାହ୍ନ ସଂଧ୍ୟା ୭ଘଟିକା ସମୟରେ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଏଏସଆଇ ବିବି ଦାସ ଅଭିଯୋଗକାରୀଙ୍କୁ ଡକାଇ କହିଲେ ଯେ, ତୁମେ ସେ ଡାକ୍ତରଙ୍କ ସହିତ ସମାଧାନ କର । ଅଭିଯୋଗକାରୀ ରାଜି ନହେବା ସହିତ ନିଜେ କରିଥିବା ଅଭିଯୋଗ ସମ୍ବନ୍ଧରେ ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଉତ୍‌କ୍ଷିପ୍ତ ହୋଇ କହିଲେ ଯଦି ୫ଲକ୍ଷ ଟଙ୍କା ଦେବ ତେବେ ଏହି ରାସ୍ତାରେ ଯାତାୟାତ କରିପାରିବ । କାରଣ ଡ. ଜେନା ଏହାକୁ ୩୫ଲକ୍ଷ ଟଙ୍କା ଦେଇ କିଣିଛନ୍ତି । ତେଣୁ ଏହି ଟଙ୍କା ଆପଣ ମାନଙ୍କ ନିକଟରୁ ଆଦାୟ କରାଯିବ । ଏଭଳି ପରିସ୍ଥିତିରେ ଅଭିଯୋଗକାରୀ ଅନନ୍ୟୋପାୟ ହୋଇ ମାନବିକ ଅଧିକାର କମିଶନଙ୍କ ନିକଟରେ ଏ ବାବଦରେ ଅଭିଯୋଗ କରିଛନ୍ତି । ତେବେ କଥା ଉଠୁଛି ଲୋକ ନ୍ୟାୟ ପାଇଁ ପୋଲିସ ନିକଟକୁ ଦୌଡୁଥିଲା ବେଳେ ପୋଲିସ ନିରପେକ୍ଷ ହେବା ବଦଳରେ ଏକପାଖିଆ ବିଚାର କରିବା କେତେଦୂର ସମୀଚିନ ?

## 'ପୂର୍ବସୁରୀଙ୍କ ବଳିଦାନ ଅବିସ୍ମରଣୀୟ'



**ଖୋରଧା:** ବିଜେବି ହାଇସ୍କୁଲ ଖେଳ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ମହାସମାରୋହରେ ପଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡ଼ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କଷ୍ଟଲବ୍ଧ ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବ ସୁରୀମାନଙ୍କ ଅବଦାନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସେମାନଙ୍କ ମଧ୍ୟରେ ଜାତୀୟ ପିତା ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହୁର, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୁଦନ ଦାସ, ବକ୍ସି ଜଗବନ୍ଧୁ ଜୟୀରାଜଗୁରୁ, ରମାଦେବୀ, ମାଳତୀ ଚୌଧୁରୀ, ପାର୍ବତୀ ଗିରି, ଡ଼କ୍ଟର ହରେକୃଷ୍ଣ ମହତାବ ଏବଂ ବିଜୁ ପଟ୍ଟନାୟକଙ୍କ ବଳିଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଅନୁଷ୍ଠିତ ପ୍ୟାରେଡ଼ରେ ଏବଂ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧରେ ଖୋର୍ଦ୍ଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଦାସ, ଉପଜିଲ୍ଲାପାଳ ସୁଭେନ୍ଦ୍ର କୁମାର ସାମଲଙ୍କ ସମେତ ସମସ୍ତ ଜିଲ୍ଲସ୍ତରୀୟ ଅଧିକାରୀ ସ୍ଥାନୀୟ ବୁଦ୍ଧିଜୀବି ବରିଷ୍ଠ ନାଗରିକ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଯୋଜନା ଅପହଞ୍ଚ; ଭିନ୍ନକ୍ଷମଙ୍କୁ କେବେ ମିଳିବ ସହାୟତା



**ବାରିପଦା:** ମୁଖ୍ୟମନ୍ତ୍ରୀ ନବୀନ ରାଜ୍ୟବାସୀଙ୍କୁ ସାମାଜିକ ଓ ଅର୍ଥନୈତିକ ସୁବିଧା ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଗୋଟାଏ ପରେ ଗୋଟାଏ ଜନକଲ୍ୟାଣକାରୀ ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଚାଲିଛନ୍ତି । ମାତ୍ର ଉକ୍ତ ଯୋଜନାମାଧ୍ୟମରେ ଜନସାଧାରଣ କେତେ ପରିମାଣରେ ଉପକୃତ ହେଉଛନ୍ତି ଅଥବା ଯୋଜନାର ସଫଳତା ଜନସାଧାରଣଙ୍କ ନିକଟରେ କେତେ ପରିମାଣରେ ପହଁଞ୍ଚିପାରୁଛି ତାର ହିସାବ କିତାବ କେବଳ କାଗଜ କଲମ ମଧ୍ୟରେ ସିମୀତ ରହିଯାଉଛି । ଫଳରେ ଯୋଜନାରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବାର ପରିଲକ୍ଷିତ ହୋଇଛି । ଏହିଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଶାମାଖୁଣ୍ଟା ବ୍ଲକ ଖାଣ୍ଡିଆ ଗ୍ରାମ ଡ଼ାହିସାହିରେ ବସବାସ କରୁଥିବା ଶମ୍ଭୁନାଥ ନାୟକଙ୍କ ୧୮ ବର୍ଷିୟା ଝିଅ ଗୁରୁବାରୀ ନାୟକଙ୍କ କ୍ଷେତ୍ରରେ । ଶମ୍ଭୁ ନାୟକଙ୍କ ଝିଅ ଗୁରୁବାରୀ ଜନ୍ମରୁ ଭିନ୍ନକ୍ଷମ । କଥାବାର୍ତ୍ତା ଠିକ୍‌ରେ କରିପାରେ ନାହିଁ । ଚାଲି ଚଳନ ଆଚାର ବ୍ୟବହାରରୁ ବୋକା ଓ ହେଣ୍ଡି ଭଳି ଜଣାପଡ଼େ । ବାପା ଶମ୍ଭୁ ବାରିପଦା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ଥିବା ଭିନ୍ନକ୍ଷମ ଚିହ୍ନଟ କେନ୍ଦ୍ରରେ ଗୁରୁବାରୀର ନାମ ପଞ୍ଜିକରଣ କରାଇ ଡ଼ାକ୍ତରଙ୍କ ପରୀକ୍ଷାନିରୀକ୍ଷା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ନେଇ ଭିନ୍ନକ୍ଷମ ଭତ୍ତା ପାଇବା ପାଇଁ ଦୀର୍ଘ ୧୦ ବର୍ଷ ହେବ ବ୍ଲକ ଓ ପଞ୍ଚାୟତରେ ଚକ୍କର କାଟିବାରେ ଲାଗିଛନ୍ତି । ଗୁରୁବାରୀ ନାୟକଙ୍କ ବାପା ଶମ୍ଭୁଙ୍କ କହିବା ଆଧାରରେ ଭିଏଲ୍‌ଡବ୍ଲ୍ୟୁ ମହାନ୍ତ ବାବୁ ଓ ଖାଣ୍ଡିଆ ସରପଞ୍ଚ ଗୌରାଙ୍ଗ ନାୟକଙ୍କୁ ବାରମ୍ବାର ସାକ୍ଷାତ କରି ଝିଅର ଭିନ୍ନକ୍ଷମ ଭତ୍ତା କରାଇଦେବା ନିମନ୍ତେ ଗୁହାରୀ ଜଣାଇ ଆସୁଛନ୍ତି । ଏମାନେ ଭତ୍ତା କରାଇ ଦେବା ନାମରେ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଆସୁଥିବା ବେଳେ ଏହା ମଧ୍ୟରେ ୧୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି । ତଥାପି ଆଶା ନ ହରାଇ କେଉଁ ଦିନ ସେହି ଶୁଭଲଗ୍ନ ଆସିବ ତାହାକୁ ଅନାଇ ବସିଛନ୍ତି ବୋଲି ଗୁରୁବାରୀର ପିତା ଶମ୍ଭୁନାଥ ନାୟକ କହିବା ସହ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି । ଏବିଷୟରେ ଶାମାଖୁଣ୍ଟା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୭୨୫୧୧୪୪ରେ ବାରମ୍ବାର ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ଫୋନ ଉଠାଇନଥିଲେ ।




# ଅମରନାଥ ଗୁମ୍ଫାର ପୌରାଣିକ ଇତିବୃତ୍ତ

ପ୍ରତାପସିଂହ ମହାପାତ୍ର



**ଯେ**ଉଁ ଭକ୍ତବୃନ୍ଦ ହିମାଳୟସ୍ଥ ପବିତ୍ର 'ଅମରନାଥ' ଗୁମ୍ଫା ମଧ୍ୟରେ ଥିବା ଶିବଙ୍କ 'ହିମଲିଙ୍ଗ' ଦର୍ଶନ କରିଥିବେ, ସେମାନେ ନିଶ୍ଚୟ ଗୁମ୍ଫା କୋଟର ଅଭ୍ୟନ୍ତରରେ ଦୁଇଟି କପୋତ ପକ୍ଷୀ ବସିଥିବାର ଦେଖିଥିବେ। ସୀମିତ ପ୍ରାଣବାୟୁ ଅଭାବରେ ଅର୍ଥାତ୍ କ୍ଷୀଣ ଅମ୍ଳଜାନ ଥିବା ସ୍ଥାନରେ କପୋତ ଦ୍ୱୟ କିପରି ବଞ୍ଚି ରହି ପାରୁଛନ୍ତି, ତାହାହିଁ ବିସ୍ମୟର କଥା। ଆସନ୍ତୁ, ସେହି ଅମରନାଥ ଗୁମ୍ଫାର ପୌରାଣିକ ଇତିବୃତ୍ତ ଜାଣିବା।

ତ୍ରେତୟାଯୁଗର କଥା। ଦିନେ କୈଳାସ ପର୍ବତରେ ଦେବୀ ପାର୍ବତୀ ଭଗବାନ୍ ଶିବଙ୍କ ସହିତ ପ୍ରାତଃ କାଳୀନ ଭ୍ରମଣ କରୁଥିଲେ। ସେତେବେଳେ ସଦାଶିବ ଅତ୍ୟନ୍ତ ପ୍ରସନ୍ନ ଥିଲେ। ଅଚାନକ ଦେବୀ ପାର୍ବତୀ ତାଙ୍କୁ ଅନୁରୋଧପୂର୍ଣ୍ଣ ସ୍ୱରରେ ନିବେଦନ କଲେ, "ଭଗବାନ! ଆପଣ ଅତ୍ୟନ୍ତ ଜ୍ଞାନୀ, ଜନ୍ମ-ମରଣ ତଥା ମୋହମାୟା ବିମୁକ୍ତ ଈଶ୍ୱର ଅଟନ୍ତି। ଏହି ସମସ୍ତ ବନ୍ଧନରୁ ମୁକ୍ତ ହୋଇ ମୁଁ ସର୍ବଦା କିପରି ଆପଣଙ୍କ ସହିତ ରହିପାରିବି, ବୋଲି ଦିବ୍ୟଜ୍ଞାନ ମୋତେ ପ୍ରଦାନ କରନ୍ତୁ।"

ପାର୍ବତୀ ଦେବୀଙ୍କ ଏତାଦୃଶ ଇଚ୍ଛାଥିବା ଜାଣି ଭଗବାନ୍ ନୀଳକଣ୍ଠ ସସ୍ମିତ ବଦନରେ କହିଲେ, "ଠିକ୍ ଅଛି ଦେବୀ, ମୁଁ ତୁମକୁ ସେହି ଦିବ୍ୟଜ୍ଞାନର କଥା ଅବଶ୍ୟ ଶୁଣାଇବି, କିନ୍ତୁ ଏଥିପାଇଁ ଏପରି ଏକ ଏକାନ୍ତ ସ୍ଥାନ ଖୋଜିବାକୁ ହେବ। ଯେଉଁଠାରେ ଆମ ଦୁଇଜଣଙ୍କ ବ୍ୟତୀତ ଅନ୍ୟ କୌଣସି ତୃତୀୟ ପ୍ରାରୀ ନଥିବେ।" ଏହାପରେ ଦେବୀ ପାର୍ବତୀ ଏବଂ ଭଗବାନ ଶିବ ହିମାଳୟରେ ସେହିପରି ଏକ ନିକାଞ୍ଚନ ସ୍ଥାନର ଅନ୍ୱେଷଣ କରିବାକୁ ଲାଗିଲେ। ହିମାଳୟର ବିଭିନ୍ନ ସ୍ଥାନ ଭ୍ରମଣ କରି ଦୁହେଁ ଶେଷରେ ଉତ୍ତର ପାର୍ଶ୍ୱ ହିମାଳୟସ୍ଥ ଏକ ଅତ୍ୟନ୍ତ ମନୋରମ ସ୍ଥାନ ନିକଟରେ ପହଞ୍ଚିଲେ। ସେଠାରେ ଗୋଟିଏ ବିଶଳ ଗୁମ୍ଫା ଥିଲା। ବହୁଦୂର ବ୍ୟାପୀ କୌଣସି ପ୍ରାଣୀଙ୍କ ଚିହ୍ନବର୍ଣ୍ଣ ମଧ୍ୟ ସେଠାରେ ନଥିଲା।

ଭଗବାନ୍ ମହେଶଙ୍କର ଏହି ପର୍ବତ-ଗହ୍ୱରଟି ପସନ୍ଦ ହୋଇଗଲା। ପାର୍ବତୀଙ୍କ ସହିତ ସେ ଗୁମ୍ଫା ଆଭ୍ୟନ୍ତରକୁ ପ୍ରବେଶ କଲେ। ମାତ୍ର ଆଶାର ବିପରୀତ, ସେହି ଗୁହା ମଧ୍ୟରେ କେତେକ ପକ୍ଷୀ ଏଣେ ତେଣେ ଉଡୁଥିବାର ସେ ଦେଖିବାକୁ ପାଇଲେ। ପକ୍ଷୀଗୁଡ଼ିକୁ ଦେଖି ଦେବୀ ପାର୍ବତୀ ମଧ୍ୟ ଉଦାସ ହୋଇଗଲେ, ଭଗବାନ୍ ଆଶୁତୋଷ ଦେବୀଙ୍କ ମନୋଦଶା ଅନୁମାନ କରିନେଲେ। ଏହାପରେ ଜଗଦୀଶ୍ୱର ସେହି ଗୁମ୍ଫା ମଧ୍ୟରେ ବସି, ପ୍ରଶ୍ୱାସ ଦ୍ୱାରା ସେଠାକାର ପ୍ରାଣବାୟୁ ସମୂହକୁ ନିଜ ଅନ୍ତର ମଧ୍ୟକୁ ଆକର୍ଷଣ କରିବାକୁ ଲାଗିଲେ। ଏପରି କରିବା ଦ୍ୱାରା ବହୁଦୂର ବିସ୍ତାରିତ ହୋଇଥିବା ପ୍ରାଣବାୟୁ ଶିବଙ୍କ ମଧ୍ୟରେ ଲୀନ ହୋଇଯାଇଥିଲା। ଏବେ ପ୍ରାଣବାୟୁ (ଅମ୍ଳଜାନ)ର ଅବର୍ତ୍ତମାନରେ ସେଠାରେ ବାସ କରୁଥିବା ସମସ୍ତ ପକ୍ଷୀ ତୁରନ୍ତ ନିମ୍ନାଞ୍ଚଳକୁ ଉଡ଼ି ଯାଇଥିଲେ। ଏବେ ଗୁହାଞ୍ଚଳ ସମ୍ପୂର୍ଣ୍ଣ ଏକାନ୍ତ ହୋଇଯିବା ଦେଖି, ଦେବୀ ପାର୍ବତୀ ସନ୍ତୋଷରେ ନିଃଶ୍ୱାସ ନେଲେ

ଆଶୁତୋଷ ଶିବ କହିଲେ, "ଏବେ ଏଠାରେ ଆମ୍ଭ ଦୁହିଁଙ୍କ ବ୍ୟତୀତ ଆଉ କୌଣସି ପ୍ରାଣୀ ନାହାଁନ୍ତି। ତୁମକୁ ବର୍ତ୍ତମାନ ସେହି ଦିବ୍ୟ ଅମର ଜ୍ଞାନର ଉପଦେଶ ପ୍ରଦାନ କରିବି। ଧ୍ୟାନର ସହିତ ଶ୍ରବଣ କରିବ। ହଁ, ମଝିରେ ମଝିରେ 'ହୁଁ', 'ହୁଁ' ବୋଲି କହୁଥିବ। ତଦ୍ୱାରା ମୋତେ ଜଣାପଡ଼ିବ ଯେ, ତୁମେ ମୋର ଉପଦେଶ ଯଥାର୍ଥ ଭାବେ ଶ୍ରବଣ କରୁଛ। କାରଣ ଜ୍ଞାନ ପ୍ରଦାନ କରିବା ସମୟରେ ମୁଁ ସମାଧିରେ ରହିଥିବି।"

ପାର୍ବତୀ ଦେବୀଙ୍କ ସ୍ୱୀକୃତ କ୍ରମେ ଭଗବାନ୍ ଶଙ୍କର ସମାଧିରେ ନିମଗ୍ନ ରହିଲେ। ତାଙ୍କ ଶ୍ରୀମୁଖରୁ ଅମରଜ୍ଞାନର ଅମରକଥା ଝରି ଆସିଲା। ସମଗ୍ର ପର୍ବତ କନ୍ଦର ଦିବ୍ୟ ଆଭା ଏବଂ ସୁଗନ୍ଧରେ ଭରି ଉଠିଲା। ଦିବ୍ୟ ଅମର ଉପଦେଶ ଶୁଣୁ ଶୁଣୁ ଦେବୀ ପାର୍ବତୀ ଏପରି ଭାବ-ବିଭୋରା ହୋଇଗଲେ ଯେ, ତାଙ୍କୁ ତନ୍ଦ୍ରାଭାବ ଆଚ୍ଛନ୍ନ କରିଦେଲା। ସଜ୍ଞାନରେ ସେ ପ୍ରଥମେ କେତେଥର 'ହୁଁ', ହୁଁ', କହିଥିଲେ। ମାତ୍ର ଏହା ମଧ୍ୟରେ ତାଙ୍କୁ କେତେବେଳେ ନିଦ୍ରା ଆସିଯାଇଥିଲା, ତାହା ସେ ଆଦୌ ଜାଣିପାରି ନଥିଲେ। ଅମର କଥାର ଉପଦେଶ ଶୁଣୁ ଶୁଣୁ ଦେବୀ ମୋହାଚ୍ଛନ୍ନ ହୋଇ ଶୋଇ ଯାଇଥିଲେ।

ଅମରକଥା ସମାପ୍ତ ହୋଇଯିବା ପରେ ଦେବାଧିଦେବଙ୍କ ସାମୟିକ ସମାଧି ଭଙ୍ଗ ହୋଇଥିଲା। ସେ ଚକ୍ଷୁ ଖୋଲି ଦେଖିବାକୁ ପାଇଲେ, ଦେବୀ ପାର୍ବତୀ ନିଦରେ ଶୋଇ ଯାଇଛନ୍ତି। ଏହାଦେଖି ଶଙ୍କର ବିସ୍ମିତ ହୋଇଯାଇଥିଲେ। ଏହାପରେ ସେ ଦେବୀଙ୍କୁ ଜାଗ୍ରତ କରାଇ ଦେଲେ। ସେ ତାଙ୍କୁ କିଛି ପଚାରିବା ପୂର୍ବରୁ ଦେବୀ କ୍ଷମା ପ୍ରାର୍ଥନା କରି କହିଲେ, "ପ୍ରଭେ! ଆପଣଙ୍କ ଶ୍ରୀମୁଖରୁ ଅମରକଥା ଶୁଣି ମୋର ଏପରି ଦିବ୍ୟାନନ୍ଦ ଭାବ ଆସିଗଲା ଯେ, ମୁଁ ଜାଣି ପାରିଲି ନାହିଁ, କେତେବେଳେ ମୋତେ ନିଦ ହୋଇଯାଇଥିଲା। ସମ୍ପୂର୍ଣ୍ଣ ଅମରକଥା ମୁଁ ଶୁଣି ପାରି ନାହିଁ; ସ୍ୱାମୀ, ମୋତେ କ୍ଷମା କରନ୍ତୁ।"

ପାର୍ବତୀଙ୍କ ମୁଖରୁ ଏପରି କଥା ଶୁଣି ଭଗବାନ୍ ବିଶ୍ୱନାଥ ବିସ୍ମିତ ହୋଇଯାଇଥିଲେ। ସେ ସନ୍ଦେହ ସ୍ୱରରେ ପଚାରିଲେ, "ମୁଁ ତୁମକୁ ଅମର କଥାର ଉପଦେଶ ଶୁଣାଉଥିବା ସମୟରେ ତେବେ ଆଉ କିଏ ମଝିରେ ମଝିରେ 'ହୁଁ', 'ହୁଁ' କହୁଥିଲା? ଏପରିକି ଶେଷ ପର୍ଯ୍ୟନ୍ତ ମୁଁ ହୁଁ କାର ଶବ୍ଦ ଶୁଣିଥିଲି! ତୁମେ ତ' ନିଦରେ ଶୋଇ ଯାଇଥିଲ, ତେବେ ଆଉ କିଏ ତୃତୀୟ ପ୍ରାଣୀ?!

ଏହାଶୁଣି ଦେବୀ ଉମା ମଧ୍ୟ ଚମକି ପଡିଲେ। ସଦାଶିବ ଗୁମ୍ଫାଟିର ଚତୁର୍ଦ୍ଦିଗକୁ ନିରୀକ୍ଷଣ କରିବାକୁ ଲାଗିଲେ। ଗୁମଫାର ଛାତରେ ଗୋଟିଏ କ୍ଷୁଦ୍ର କୋଟର ଥିବା ସେ ଦେଖିବାକୁ ପାଇଲେ। ସେହି କୋଟର ମଧ୍ୟରେ ବସିଥିବା ଦୁଇଗୋଟି କପୋତ ଶାବକ ତଳକୁ ଚାହିଁ ରହିଥିଲେ। ବହୁ ସୀମିତ ପ୍ରାଣବାୟୁ ବାତାବରଣରେ ଏହି କପୋତ ଶବକ ଦ୍ୱୟକୁ ଦେଖି ଶଙ୍କର ବିସ୍ମିତ ହୋଇଯାଇଥିଲେ। ସେ ମନେ ମନେ ଆଶଙ୍କା କଲେ, କପୋତ ଶାବକ ରୂପଧରି ଅମରକଥା ଶୁଣୁଥିବା ଏହି ପକ୍ଷୀ ଦୁଇଟି କୌଣସି ମାୟାବୀ ପ୍ରାଣୀ ନୁହଁନ୍ତି ତ? ଭଗବାନ୍ ଶିବ କୁପିତ ସ୍ୱରରେ ପଚାରିଲେ, "ତୁମେ ଦୁହେଁ କିଏ ଏବଂ ଏହି ଛଦ୍ମବେଶରେ ଏଠାରେ କ'ଣ କରୁଛ?"

କପୋତ ଶାବକଦ୍ୱୟ ବିନୟପୂର୍ଣ୍ଣ ସ୍ୱରରେ କହିଲେ, "ଭଗବାନ୍! ଆମେ ଦୁହେଁଏହି କୋଟର ମଧ୍ୟରେ ଅଣ୍ଡା ରୂପରେ ପ୍ରଥମେ ଥିଲୁ। ଆପଣ ଯେତେବେଳେ ଏଠାକାର ପ୍ରାଣବାୟୁକୁ ଶୋଷି ନେଲେ, ଆମର ମା'-ବାପା ଏଠାରୁ ଉଡି ଯାଇଥିଲେ। ଆମେ ଅଣ୍ଡାରୁ ବାହାରିବା ସମୟରେ ଆପଣ କହୁଥିବା ଅମରକଥା ଗୁମ୍ଫା ମଧ୍ୟରେ ପ୍ରତିଧ୍ୱନିତ ହେଉଥିଲା। ସେହି ଦିବ୍ୟକଥା ଶୁଣି ଏବଂ ତାହାର ପ୍ରଭାବରେ ଆମ ଭିତରେ ଏପରି ଶକ୍ତି ସଞ୍ଚାର ହୋଇଗଲା ଯେ, କଥା ଶୁଣୁଥିବା ସମୟରେ ଆମେ 'ହୁଁ' 'ହୁଁ' ବୋଲି କହୁଥିଲୁ। ପ୍ରାଣବାୟୁର ଅଭାବ ଆମ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ଏହା ଆପଣଙ୍କ ଦିବ୍ୟକଥାର ଅମୃତ ପ୍ରଭାବ।"

ସବୁଶୁଣି ଭଗବାନ୍ ଆଶୁତୋଷ ପ୍ରସନ୍ନ ଚିତ୍ତରେ କହିଲେ, "ତୁମେ ଦୁହେଁ ଅମରକଥା ଶ୍ରବଣର ସତ୍‌ପାତ୍ର ଥିଲ। ତେଣୁ ସମ୍ପୂର୍ଣ୍ଣ କଥା ଶୁଣି ପାରିଥିଲ, ଏବେ ଦୁହେଁ ଅମର ହୋଇଗଲ। ଏହି ସ୍ଥାନରେ ଅନ୍ୟ କୌଣସି ଜୀବଜନ୍ତୁ ସ୍ଥାୟୀ ଭାବରେ ରହିପାରିବେ ନାହିଁ। କିନ୍ତୁ ଆଜିଠାରୁ ତୁମେ ଦୁହେଁ ଏଠାରେ ସର୍ବଦା ନିର୍ବିଘ୍ନରେ ବାସ କରିବ।"

କପୋତ ଶାବକ ଦ୍ୱୟଙ୍କୁ ଏହିପରି ଆଶୀର୍ବାଦର ଅଭୟ ବର ପ୍ରଦାନ କରି ଭଗବାନ୍ ଶିବ ପାର୍ବତୀଙ୍କ ସହିତ ସେଠାରୁ କୈଳାସପୁରକୁ ଚାଲି ଯାଇଥିଲେ ମଧ୍ୟ, ତାଙ୍କର ପାର୍ଥିବ ପ୍ରତୀକ ରୂପେ 'ହିମଲିଙ୍ଗ' ସେହି ଦିନଠାରୁ ସେଠାରେ ସ୍ୱତଃ ନିର୍ମିତ ହୋଇ ଯାଇଥିଲା। ଦେବୀ ପାର୍ବତୀଙ୍କ ଶାୟିତ ରୂପ, କ୍ଷୁଦ୍ର ଏକ ହିମଖଣ୍ଡ ହୋଇ ସେହି ମସୃଣ ବିଶାଳ ହିମଲିଙ୍ଗର ପାର୍ଶ୍ୱ ଦେଶରେ ଏବେବି ବିଦ୍ୟମାନ। ସେହି ସ୍ଥାନଟିକୁ ପବିତ୍ର 'ଅମରନାଥ ଗୁମ୍ଫା' ବୋଲି କୁହାଗଲା। ଏହାହିଁ ପୌରାଣିକ ଇତିବୃତ୍ତ।





ଆଜି ମଧ୍ୟ ଅମରନାଥର ପବିତ୍ର ଗୁମ୍ଫାରେ ଥିବା କୋଟର ମଧ୍ୟରେ ହଳେ କପୋତ ପକ୍ଷୀ ବାସ କରୁଥିବାର ଦେଖିବାକୁ ମିଳେ। ଏହା ସେହି ଅମରେଶ୍ୱରଙ୍କ ଅମର ମହିମା ବୋଲି କୁହାଯାଏ। କପୋତଦ୍ୱୟ କେବେ କେବେ ବହୁ ଯାତ୍ରୀଙ୍କ କୋଳାହଳରେ ଭୟଭୀତ ହୋଇ ଯାଇ କୋଟରରୁ ବାହାରି ଏଣେ ତେରେ ଉଡ଼ି ବୁଲୁଥିବାର ଦେଖିବାକୁ ମିଳେ, ଦର୍ଶନାର୍ଥୀଗଣ ହୁଏତ ଏହା ଦେଖିଥିବେ।

ଅମରନାଥ ଯାତ୍ରା ବାସ୍ତବରେ ଅତ୍ୟନ୍ତ କଷ୍ଟପ୍ରଦ ତଥା ଭୀତିପ୍ରଦ ଅଟେ। ଜଣେ ଶିବଭକ୍ତର ସେହିପରି ଦୃଢ଼ ମନୋବଳ, ସାହାସ, ଧୈର୍ଯ୍ୟ ଥିଲେ, ସେ ଦୁର୍ଗମ ପାର୍ବତ୍ୟ ଅଞ୍ଚଳ ତଥା ବରଫାବୃତ ପଥ ଅତିକ୍ରମ କରିପାରିବ। ଅତୁଟ ମନୋବଳ ଓ ନିଷ୍ଠା ଥିବା ବ୍ୟକ୍ତି ପକ୍ଷରେ ଦୁର୍ଗମ ପଥ ସୁଗମରେ ପରିଣତ ହୋଇ ଯାଇଥାଏ।

ପ୍ରତିବର୍ଷ ଜୁଲାଇ-ଅଗଷ୍ଟ ମାସରେ ହଜାର ହଜାର



ଶ୍ରଦ୍ଧାଳୁ ଶିବପ୍ରାଣ ଭକ୍ତ ଅମରନାଥ ଯାତ୍ରା କରି ହିମଲିଙ୍ଗ ଦର୍ଶନ ପୂର୍ବକ ନିଜକୁ ଅଶେଷ ଶ୍ଳାଘ୍ୟ ମନେ କରିଥାନ୍ତି। ପ୍ରବଳ ଇଚ୍ଛାଶକ୍ତି ସମସ୍ତ ବାଧାବିଘ୍ନ ପ୍ରତିହତ କରି ଦେଇଥାଏ। ଭକତମାନଙ୍କର ସୁଗମ ଯାତ୍ରା ପାଇଁ ଆଜିକାଲି କେନ୍ଦ୍ର ସରକାର ଅନେକ ବ୍ୟବସ୍ଥା କରିଦେବା ସହିତ ଆତଙ୍କବାଦୀଙ୍କ ଆକ୍ରମଣ ଭୟ ଥିବାରୁ, ସେନାବଳ ନିଯୁକ୍ତି କରି ଦେଉଛନ୍ତି।

ଶେଷରେ ପ୍ରାର୍ଥନା, ଅପାର କରୁଣାମୟ ପ୍ରଭୁ ଅମରନାଥ ତାଙ୍କ ଭକ୍ତଜନଙ୍କର ମନୋବାଞ୍ଛା ପୂରଣ କରିଦିଅନ୍ତୁ।

ଜୟ ଅମରନାଥେଶ୍ୱର!



*ଦିଗ୍‌ବଳୟ, ୨୭୬/ଏ, ସହିଦ ନଗର, ଭୁବନେଶ୍ୱର-୭*
*ଦୂରଭାଷ: ୯୪୩୮୫୫୯୮୧୭*

# ଟିମ୍ ଇଣ୍ଡିଆ କୋଚ୍ ରହିଲେ ଶାସ୍ତ୍ରୀ



**ନୂଆଦିଲ୍ଲୀ :** ରବି ଶାସ୍ତ୍ରୀ ପୁଣିଥରେ ଭାରତୀୟ ପୁରୁଷ କ୍ରିକେଟ୍ ଦଳର କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ପୂର୍ବତନ କ୍ୟାପ୍ଟେନ୍ କପିଳ ଦେବଙ୍କ ଅଧକ୍ଷତାରେ ବିଶିଷ୍ଟ କ୍ରିକେଟ୍ ଆଡଭାଇଜରୀ କମିଟି (ସିଏସି) କୋଚ୍ ପଦ ପାଇଁ ଇଣ୍ଟରଭ୍ୟୁ ନେଇଥିଲେ। ମୁମ୍ବାଇରେ ସିଏସି ପ୍ରେସ୍ କନଫରେନ୍ସ ଜରିଆରେ କୋଚ୍ ଚୟନ ନେଇ ସୂଚନା ଦେଇଛି। ଏହି ଅବସରରେ କପିଲ୍ ଦେବ କହିଛନ୍ତି ଯେ, ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆର ଟମ୍ ମୁଡି, ଦ୍ୱିତୀୟରେ ନ୍ୟୁଜିଲାଣ୍ଡର ମାଇକ୍ ହୁସେନ୍ ରହିଥିଲେ। ତେବେ ସମସ୍ତଙ୍କ ଆଶା ମୁତାବକ ରବିକ ଶାସ୍ତ୍ରୀ ପ୍ରଥମ ସ୍ଥାନରେ ରହିଛନ୍ତି। କମିଟିର ତିନିଜଣ ସଦସ୍ୟଙ୍କୁ ଅଲଗା ଅଲଗା ପଏଣ୍ଟ ଦିଆଯାଇଛି। ଏକା କପିଲଙ୍କ ଛଡା ଅଂଶୁମାନ ଗାଏକ୍ୱାଡ୍ ଓ ମହିଳା କ୍ରିକେଟ୍‌ର ଶାନ୍ତା ରଙ୍ଗାସ୍ୱାମୀ ଅଛନ୍ତି। ଶାସ୍ତ୍ରୀ ୨୦୨୧ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଭାରତୀୟ ଦଳର କୋଚ୍ ଭାବେ ପୁନଃନିଯୁକ୍ତ ହୋଇଥିବା ସୂଚନା ମିଳିଛି। ସେହିପରି ଅଂଶୁମାନ ଗାଏକ୍ୱାଡ୍ କହିଛନ୍ତି, ଶାସ୍ତ୍ରୀ ପୂର୍ବରୁ ହିଁ ଟିମ୍ ସହ ଅଛନ୍ତି। ସେ ଟିମ୍‌କୁ ଭଲ ଭାବେ ଜାଣିଛନ୍ତି ଏବଂ ତାଙ୍କ ପାଖରେ ରଣନୀତି ମଧ ପ୍ରସ୍ତୁତ ଥିଲା। ଶାସ୍ତ୍ରୀ ଖେଳାଳି ଏବଂ ସିଷ୍ଟମକୁ ଜାଣନ୍ତି। ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ ଶାସ୍ତ୍ରୀ କୋଚ୍ ପାଇଁ ମଜଭୁତ ସାବ୍ୟସ୍ତ ହୋଇଛନ୍ତି। ମୁଖ୍ୟ କୋଚ୍ ପଦ ଦୌଡରେ ମୋଟ ୬ଜଣଙ୍କ ନାଁ ରହିଥିଲା। ଯେଉଁଥିରେ ରବିନ୍ ସିଂହ, ମାଇକ ହୁସେନ, ଲାଲଚାନ୍ଦ ରାଜପୁର, ପିଲ୍ ସିମନ୍ସ, ଟମ୍ ମୁଡି ଓ ଶାସ୍ତ୍ରୀ ସାମିଲ ଥିଲେ। ସିମନ୍ସ ଶୁକ୍ରବାର ନିଜ ନାମ ପ୍ରତ୍ୟାହାର କରିନେଇଥିଲେ। କପିଲ୍ କହିଛନ୍ତି, କୋଚ୍ ଚୟନ ପାଇଁ ଆମେ କ୍ୟାପଟେନ୍‌ଙ୍କ ମତ ନେଇନାହିଁ। ଯଦି କ୍ୟାପ୍ଟେନ୍‌ଙ୍କ ମତମତା ନେଇଥାନ୍ତୁ, ତା'ହେଲେ ପୁରା ଟିମ୍‌ର ମତାମତ ନିଆଯାଇଥାନ୍ତା। ତେବେ ଅଧିନାୟକ ବିରାଟ କୋହଲି ଖୋଲାଖୋଲି ଭାବେ ଶାସ୍ତ୍ରୀଙ୍କୁ ପୁଣିଥରେ କୋଚ୍ କରାଯିବା ନେଇ କହିଥିଷଲ। ୱେଷ୍ଟଇଣ୍ଡିଜ୍ ଗସ୍ତ କରିବା ପୂର୍ବରୁ ବିରାଟ ପ୍ରେସ୍ କନଫରେନ୍ସରେ କହିଥିଲେ ଯେ, ଯଦି ଶାସ୍ତ୍ରୀ ପୁଣିଥରେ କୋଚ୍ ହୁଅନ୍ତି, ତା'ହେଲେ ମୁଁ ବହୁତ ଖୁସି ହେବି। ଏହାବ୍ୟତୀତ ଆଗାମୀ ଦୁଇବର୍ଷରେ ଭାରତୀୟ ଟିମ୍‌କୁ ଲଗାତାର ଦୁଇଟି ଟି-୨୦ ବିଶ୍ୱକପ୍ ଖେଳିବାକୁ ଅଛି। ଏଭଳି ସ୍ଥିତିରେ ସିଏସି ବିନା କୌଣସି ରିସ୍କ ନ ନେଇ ଶାସ୍ତ୍ରୀଙ୍କୁ ରଖିବା ପାଇଁ ନିଷ୍ପତ୍ତି ନେଇଛି। ସୂଚନାଥାଉ କି, ଜୁଲାଇ ୨୦୧୭ରେ ଶାସ୍ତ୍ରୀ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ଅମଳରେ ଭାରତ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆରେ ଟେଷ୍ଟ୍ ସିରିଜ୍ ଜିତିବା ସହ ସାଉଥ୍ ଆଫ୍ରିକାରେ ଟେଷ୍ଟ୍ ବିଜୟର ସ୍ୱାଦ ଚାଖିଥିଲା। ତା'ଛଡ଼ା ଦିନିକିଆରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ୍ ବିପକ୍ଷରେ ବିଦେଶ ମାଟିରେ ସିରିଜ୍ ଜିତିବାର ଗୌରବ ମଧ ହାସଲ କରିଥିଲା।




## ପାରାଦୀପ ରିଫାଇନାରୀରେ ସ୍ୱାଧୀନତା ଦିବସ



**ପାରାଦୀପ:** ପାରାଦୀପ ରିଫାଇନାରୀ ଠାରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଟିଡିଭିଏସ୍ ଗୋପାଳକ୍ରିଷ୍ଣା, କାର୍ଯ୍ୟକାରୀ ନିର୍ଦ୍ଦେଶକ, ପାରାଦୀପ ରିଫାଇନାରୀର କ୍ରୀଡା ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ ସିଆଇଏସ୍ଏଫ୍, ସିଆଇଏସ୍ଏଫ୍ ଅଗ୍ନିଶମ ବିଭାଗ, ଡିଜିଆର ନିରାପତ୍ତା ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଜଣାଇ ଉପସ୍ଥିତ ବହୁ ସଂଖ୍ୟକ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହ ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରାଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପାରାଦୀପ ରିଫାଇନାରୀର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ ଦେଇଥିବାରୁ ଶ୍ରୀ ଟିଡିଭିଏସ୍ ଗୋପାଳକ୍ରିଷ୍ଣା ସମସ୍ତ କର୍ମଚାରୀ, ସେମାନଙ୍କ ପରିବାର ବର୍ଗ, ଷ୍ଟେକ୍ ହୋଲଡର, ପରାମର୍ଶଦାତା, ଠିକାଦାର ଓ ସେମାନଙ୍କ ପରିବାର ବର୍ଗ ଓ କର୍ମକର୍ତ୍ତାଗଣ, ସିଆଇଏସ୍ଏଫ୍, ସ୍ଥାନୀୟ ଜନସାଧାରଣ ଏବଂ ନିକଟସ୍ଥ ଗ୍ରାମବାସୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ପାରାଦୀପ ରିଫାଇନାରୀ ଦ୍ୱାରା ନିକଟସ୍ଥ ୮ଟି ପଞ୍ଚାୟତ (ପାରାଦୀପଗଡ, ଫତେପୁର, ଡିଙ୍କିଆ, କୋଠି, ଗଣ୍ଡକୀପୁର, ବିଶ୍ୱାଳୀ, ବଗଦିଆ ଓ ମଙ୍ଗରାଜପୁର)ର ସ୍କୁଲ ଓ କଲେଜ ଗୁଡିକର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପାରାଦୀପ ରିଫାଇନାରୀର ସିଆଇଏସ୍ଏଫ୍ ଯବାନମାନେ ରେସ୍କ୍ୟୁ ପ୍ରକ୍ରିୟାରେ ପ୍ରଦର୍ଶନ କରିଥିଲେ। ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଏଣିକି ଅନ୍‌ଲାଇନ୍‌ରେ ପୈଠ ହେବ ଜମି ଖଜଣା

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ସ୍ୱରୂପ ଜମି ଖଜଣା ଆଦାୟକୁ ଅନ୍‌ଲାଇନ୍ କରାଯାଇଛି। ଏହାଫଳରେ ଖଜଣା ପୈଠ କରିବାକୁ ଲୋକଙ୍କୁ ଆଉ ରାଜସ୍ୱ କାର୍ଯ୍ୟାଳୟକୁ ଯିବାକୁ ପଡିବନି। ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଲୋକସଭା ଭବନରେ ଏହି ଅନ୍‌ଲାଇନ୍ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଣିକି ଖଜଣା ଦେବାରେ ଆଉ ସମସ୍ୟା ରହିବନାହିଁ ଏବଂ ଋଷୀମାନେ ସୁବିଧାରେ ଖଜଣା ଦେଇପାରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଭୁବନେଶ୍ୱର ତହସିଲ ଅଧିନରେ ଥିବା ଋଷୀ ମନୋଜ କୁମାର ଦାସ ଅନ୍‌ଲାଇନ୍‌ରେ ନିଜର ଖଜଣା ପୈଠ କରିଥିଲେ। ଏହାକୁ କନ୍‌ଫରେନ୍ସି ଜରିଆରେ ମୁଖ୍ୟମନ୍ତ୍ରୀ ଦେଖିଥିଲେ। ମାତ୍ର ଗୋଟିଏ ମିନିଟ୍ ମଧରେ ଏହି ଅନ୍‌ଲାଇନ୍ ସେବା ଜରିଆରେ ରାଜସ୍ୱ ପୈଠ ସମ୍ଭବ ହେବ ଏବଂ ସଂଗେ ସଂଗେ ପେମେଣ୍ଟ ରସିଦ୍ ମିଳିଯିବ। ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼, ଗଞ୍ଜାମ, ନବରଙ୍ଗପୁର ଏବଂ ପୁରୀର କିଛି ଋଷୀଙ୍କ ସହିତ ଅନ୍‌ଲାଇନ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ମଧ କରିଥିଲେ।




## ଏକମାତ୍ର ପକ୍ଷରୁ ସାଧାରଣ ଜ୍ଞାନ ପ୍ରତିଯୋଗିତା ଓ ସଫେଇ କାର୍ଯ୍ୟକ୍ରମ



**ଥୁଆମୂଳ ରାମପୁର, (ବୀର ବଜରଙ୍ଗ):** ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସାପ୍ତାହିକ ଖବର କାଗଜ 'ଏକମାତ୍ର' ପକ୍ଷରୁ ସ୍ଥାନୀୟ ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ବିନୟ କୁମାର ଭୋଇ ଓ ବିଡିଓ ଯୋଗଦେବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଗୋଟିଏ ସାପ୍ତାହିକ ଖବର କାଗଜ ତରଫରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି ଅନୀଲ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଜଗଦିଶ ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ଭୀଷ୍ମ ସୁନା ଦ୍ୱିତୀୟ ଓ ମଞ୍ଜୁଲା ନାଏକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଗୋପାଳପୁର ଉଚ୍ଚ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ମୋହନ ସିଂ, ଯଦୁମଣୀ ନାଏକ, ସୁଧନ ଗୌଡ, ସନାତନ ମାଝୀ, କୁମୁଦ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ 'ଏକମାତ୍ର'ର ବ୍ଲକ ପ୍ରତିନିଧି ବୀର ବଜରଙ୍ଗ ଚାରୁ ମଜୁମ୍‌ଦାର ନାଏକ ଏହାକୁ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ପାଇଁ ସ୍ଥାନୀୟ ଯୁବକମାନେ 'ଏକମାତ୍ର'ର ପ୍ରୟାସ ସହିତ ସାମିଲ ହୋଇ ଗୁଡିପଡା, ମାଳିପଡା, କଲନୀପଡା ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ସୁରେନ୍ଦ୍ର ନାଏକ, ଲିମନ୍ତ ରାଉତ, କୁନୁ ମାଝୀ, ସଞ୍ଜୟ ମାଝୀ, ଦୁଷ୍ମନ୍ତ ରାଉତ, ବୀରେନ୍ଦ୍ର ମାଝୀ ପ୍ରମୁଖ ଶ୍ରମଦାନ କରିଥିଲା ବେଳେ କୁମୁଦ ମାଝୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ମାତ୍ର ୩୫,୦୦୦/- ଟଙ୍କା ବିନିଯୋଗ କରି ଘରେ ତିଆରି କରନ୍ତୁ Slipper Chapal
ଦୈନିକ ୫ଶହ ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ।

Aditi Greens
Going green is our only choice...
CONTACT
Aditi Greens, Amrit Nagar, Dumduma (A), Khandagiri, Bhubaneswar, Odisha.
Cell-7735652665, 7008807228.

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455
MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି